ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ମଙ୍ଗଳବାର ୦୩ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 September 2024
Vol.No. 35 ■ No.236 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଦିଲ୍ଲୀ ଅବକାରୀ ନୀତି: ଆଉ ଜଣଙ୍କୁ 'ସୁପ୍ରିମ' ଜାମିନ

ନୂଆଦିଲ୍ଲୀ, ୨/୯ : ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆଜି ସୁପ୍ରିମକୋର୍ଟ ଆଉ ଜଣେ ଅଭିଯୁକ୍ତଙ୍କୁ ଜାମିନ ଦେଇଛନ୍ତି। ଆପର ପୂର୍ବତନ କମ୍ୟୁନିକେସନ ଇନଚାର୍ଜ ବିଜୟ ନାଏର ଦୀର୍ଘ ୨୩ ମାସ ପରେ ସୁପ୍ରିମକୋର୍ଟରୁ ଜାମିନ ପାଇଛନ୍ତି। ସେ ଦୀର୍ଘ ମାସ ହେଲା ଜେଲରେ ରହିଛନ୍ତି ଓ ଏଯାଏ ମାମଲାର ଶୁଣାଣି ହେଉ ନଥିବାରୁ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ଦେଇଥିବା କହିଛନ୍ତି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆପ୍ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଅରବନ୍ଦି କେଜ୍ରିୱାଲ ଏବେ ଜେଲରେ ରହିଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ପ୍ରଥମେ ଏହି ମାମଲାରେ ଆପ ନେତା ସଞ୍ଜୟ ସିଂହ, ପରେ ମନୀଷ ସିସୋଦିଆ ଓ ନିକଟରେ ବିଆରଏସ୍ ନେତ୍ରୀ କେ କବିତାଙ୍କୁ ଜାମିନ ଦେଇଥିଲେ। ଆଜି ବିଜୟ ନାଏର ଜାମିନ ପାଇଛନ୍ତି। ଆଜି ବିଜୟଙ୍କୁ ଜାମିନ ଦେବା ବେଳେ ସର୍ବୋଚ୍ଚ ଅଦାଲତ ମନୀଷ ସିସୋଦିଆ ଓ କବିତାଙ୍କ ବେଲ୍ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ସମ୍ବିଧାନର ଧାରା ୨୧ରେ ଥିବା ସ୍ୱତନ୍ତ୍ରତାର ଅଧିକାର ଗୋଟିଏ ପବିତ୍ର ଅଧିକାର। ଏହାର ସମ୍ମାନ କଠୋର ପ୍ରାବଧାନ ▶▶ପୃଷ୍ଠା ୭

# ଆନ୍ଧ୍ର, ତେଲେଙ୍ଗାନାରେ ବନ୍ୟା ବିଭୀଷିକା: ଗଲାଣି ୨୭ ଜୀବନ



■ରାସ୍ତାରେ ସୁଅ କାଟୁଛି ୫ ଫୁଟରୁ ଅଧିକ ପାଣି
■ବୁଡ଼ିଲା ରେଳ ଷ୍ଟେସନ୍, ଉପୁଡ଼ିଲା ଟ୍ରାକ୍, ଭାସିଲା ଟ୍ରକ୍

ଆନ୍ଧ୍ରପ୍ରଦେଶ, ୨/୯ : ଆନ୍ଧ୍ରପ୍ରଦେଶରେ ବନ୍ୟା ବିଭୀଷିକା। ବୁଡ଼ିଲା ରେଳ ଷ୍ଟେସନ୍, ଉପୁଡ଼ିଲା ଟ୍ରାକ୍, ଭାସିଲା ଟ୍ରକ୍ । ରାସ୍ତାରେ ସୁଅ କାଟୁଛି ୫ ଫୁଟରୁ ଅଧିକ ପାଣି। ଛାତିକୁ ଥରାଇ ଦେଲା ଭଳି ଦୃଶ୍ୟ ଏବେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଦେଖିବାକୁ ମିଳିଛି। ତେଲେଙ୍ଗାନାରେ ୧୫ ଓ ଆନ୍ଧ୍ରପ୍ରଦେଶରେ ୧୨ ଜଣଙ୍କ ମୃତ୍ୟୁକୁ ମିଶାଇ ୨୭ ଜଣଙ୍କ ବନ୍ୟା ବିପ୍ରାତରେ ପ୍ରାଣ ଗଲାଣି । ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଟ୍ରେନ୍ ଓ ସଡ଼କ ପଥରେ ଚଳାଚଳ। ଆନ୍ଧ୍ରର ଏକାଧିକ ସ୍ଥାନରେ ଟ୍ରେନ୍ ଟ୍ରାକ୍ ଉପୁଡ଼ି ପଡ଼ିଛି। କେଉଁଠି ଛୋଟ ଛୋଟ ବ୍ରିଜ୍ ବି କ୍ଷତିଗ୍ରସ୍ତ ହୋଇଛି । ଫଳରେ ଆନ୍ଧ୍ରରୁ ଓଡ଼ିଶା ଏବଂ ଦେଶର ବିଭିନ୍ନ ସ୍ଥାନକୁ ଯାଉଥିବା ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଏବେ ଯାଏଁ ୧୦୦ରୁ ଅଧିକ ଟ୍ରେନ୍ ବାତିଲ ହୋଇଛି । ବିଜୟୱାଡ଼ା ନିକଟ ରାୟନପାଡୁ ଷ୍ଟେସନ୍ ସମ୍ପୂର୍ଣ୍ଣ ଭାବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସମ୍ପୂର୍ଣ୍ଣ ଷ୍ଟେସନ୍ ପାଣି ଘେରରେ ରହିଛି । ଟ୍ରାକ୍, ପ୍ଲାଟଫର୍ମ ବି ପାଣିରେ ବୁଡ଼ି ରହିଛି । ଏକାଧିକ ଟ୍ରେନ୍ ଷ୍ଟେସନରେ ଅଟକି ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସହ ଫୋନରେ କଥା ହୋଇଛନ୍ତି । କେନ୍ଦ୍ର ପକ୍ଷରୁ ସବୁ ପ୍ରକାର ସହାୟତା କରିବା ନେଇ ଆଶ୍ୱାସନା ଦେବା ସହ ରେସ୍କ୍ୟୁ ସ୍ଥିତି ପରଖି ବୁଝିଛନ୍ତି। ଏହି ଦୁଇ ରାଜ୍ୟରେ ଜୋରଦାର ଚାଲିଛି ରେସ୍କ୍ୟୁ ଅପରେସନ୍ । ଆକାଶ ମାର୍ଗରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଲାଗିଛି ବାୟୁ ସେନା। ଲୋକଙ୍କ ପାଖରେ ଖାଦ୍ୟ, ପାନୀୟ, ଔଷଧ ପଠାଯାଉଛି । ଏନଡିଆରଏଫ, ଏସଡିଆରଏଫ ସମେତ ଅନ୍ୟାନ୍ୟ ଟିମ୍ ଲୋକଙ୍କୁ ପାଣି ଭିତରୁ ବାହାର କରିବାକୁ ଲାଗିଛନ୍ତି । ବିଶେଷ ଭାବେ ବିଜୟୱାଡ଼ା, ଏନଟିଆର,ଗୁଣ୍ଟୁର ଜିଲ୍ଲାର ହଜାର ହଜାର ହେକ୍ଟର ଚାଷ ଜମି, ଲକ୍ଷାଧିକ ଲୋକେ ପାଣି ଘେରରେ ରହିଛନ୍ତି । ପାଣି ଭିତରୁ ଲୋକଙ୍କୁ ବାହାର କରିବା ବେଶ୍ କାଠିକର ହେଉଛି । କ୍ରିଷ୍ଣା ଓ ବୁଢ଼ାମେରୁ ନଦୀରେ ଜଳସ୍ତରରେ ବଢ଼ିବା ପରେ ବନ୍ୟା ସ୍ଥିତି ଉପୁଜିଛି। ପୂର୍ବ ବର୍ଷ ଗୁଡ଼ିକରେ ଏହି ଦୁଇ ନଦୀରେ ବନ୍ୟା ଆସୁଥିଲା। ତେବେ ଏବର୍ଷ ମୌସୁମୀ ସିଜନ୍ ପରେ ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବଢ଼ି ଜନବସତିରେ ମାଡ଼ିଛି । ଗ୍ରାଉଣ୍ଡକୁ ଓହ୍ଲାଇ ବନ୍ୟାରେ ରେସ୍କ୍ୟୁ ସ୍ଥିତି ପରଖିଛନ୍ତି ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ। ବୋଟରେ ବସି ବିଜୟୱାଡ଼ାରେ ବନ୍ୟା ପ୍ରଭାବିତଙ୍କୁ ଭେଟିଛନ୍ତି । ଗତକାଲିଠୁ ସେ ବିଜୟୱାଡ଼ାରେ ରହିଛନ୍ତି । ଗତକାଲି ରାତିରେ ବି ବନ୍ୟା ପ୍ରଭାବିତଙ୍କ ପାଖକୁ ଯାଇ ସେମାନଙ୍କୁ ଭେଟିଥିଲେ ନାଇଡୁ ।

## ରାଜ୍ୟରେ ୩୫୧୦ ଗାଁରେ ନାହିଁ ମୋବାଇଲ ନେଟୱ୍ୱର୍କ




କୋରାପୁଟ, ୨/୯ (ନି.ପ୍ର): ରାଜ୍ୟରେ ଏବେ ୩୫୧୦ ଗାଁରେ ନାହିଁ ମୋବାଇଲ ନେଟୱ୍ୱର୍କ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧୦୬୨ ଗାଁରେ ନାହିଁ ମୋବାଇଲ ନେଟୱ୍ୱର୍କ । ଦୂରହେବ ମୋବାଇଲ ନେଟୱ୍ୱର୍କ ସମସ୍ୟା । ଚଳିତ ବର୍ଷ ଶେଷ ସୁଦ୍ଧା ରାଜ୍ୟର ସବୁ ଗାଁକୁ ମିଳିବ ମୋବାଇଲ ନେଟୱ୍ୱର୍କ । ସବୁ ଗାଁକୁ ମୋବାଇଲ ନେଟୱ୍ୱାର୍କ ଯୋଗାଇ ଦେବା ପାଇଁ ଜୋରସୋରରେ ଚାଲିଛି କାମ । ଜିଲ୍ଲାର ସମସ୍ତ ମୋବାଇଲ ଟାୱ୍ୱାରକୁ ଡିସେମ୍ବର ସୁଦ୍ଧା ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି । ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ଉତ୍ତର ରଖିଛନ୍ତି । ସେହିଭଳି ରାଜ୍ୟରେ ମୋଟ ୩ ହଜାର ୫୧୦ଟି ଗାଁରେ ଏବେ ମୋବାଇଲ ନେଟୱ୍ୱାର୍କ ସେବା ଉପଲବ୍ଧ ନାହିଁ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧ ହଜାର ୬୨ଟି ଗ୍ରାମରେ ମୋବାଇଲ ନେଟୱ୍ୱାର୍କ ସେବା ଉପଲବ୍ଧ ନାହିଁ ବୋଲି ଉତ୍ତର ରଖିଛନ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ।




# ରାଉରକେଲା ପ୍ରାକ୍ତନ ଏନ୍‌ଏସିର ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଲାଙ୍ଗୀର,୧/୦୯ (ନି.ପ୍ର): ରାଉରକେଲା ପ୍ରାକ୍ତନ ଏନ୍‌ଏସି(ଏସ୍‌ଟି)ର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଯୁକ୍ତ ଜୟହିନ୍ଦ ସାହୁଙ୍କ ୭୬ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ବାଙ୍ଗାଲୋର ହସ୍ପିଟାଲ ଠାରେ ଚିକିତ୍ସାଧୀନ ଅବସ୍ଥାରେ ତାରିଖ ୩୦/୦୮/୨୦୨୪/ ଶୁକ୍ରବାର ଗତ ପୂର୍ବାହ୍ନ ୧୧.୩୦ ଘଟିକା ରେ ପରଲୋକ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲା ଦେଓଗାଁ ସ୍ୱର୍ଗତ ଶ୍ରିପତି ଚରଣ ସାହୁ ଙ୍କ ପୁତ୍ର ଜୟ ହିନ୍ଦ ସାହୁ ସେ ଗଙ୍ଗାଧର ମେହେର କଲେଜ ସମ୍ବଲପୁର ରେ ପାଠ ପଢ଼ା ଶେଷ କରି ଥିଲେ ଓ ରାଉରକେଲା ରେ ଚାକିରି କରିଥିଲେ। ଅବସର ଗ୍ରହଣ ମଧ୍ୟ କରିଥିଲେ। ସେ ଜଣେ ଶାନ୍ତ, ମିଷ୍ଟଭାଷୀ, ମେଳାପି, ଧର୍ମପରାୟଣ, ଛାତ୍ର ବାତ୍ସଲ୍ୟ ଓ ପରୋପକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ରଞ୍ଜନ ସାହୁ, ନାତୁଣୀ ଶୃତି, କନ୍ୟା କବିତା ଓ ସରିତା, ଆତ୍ମୀୟ ସ୍ୱଜନ ଓ ଆଖପାଖ ଅଂଚଳର ବହୁ ଲୋକ ଉପସ୍ଥିତ ଥିଲେ। ପୁତ୍ର ରଞ୍ଜନ ସାହୁ ବାଙ୍ଗାଲୋରସ୍ଥିତ ଶମଶାନରେ ମୁଖାଗ୍ନୀ ଦେଇଥିଲେ। ତାଙ୍କର ଶେଷକୃତ୍ୟ ବାଙ୍ଗାଲୋର ଠାରେ ସମ୍ପନ୍ନ ହୋଇଯାଇଛି। ଚାକିରିରୁ ଅବସର ପରେ ସ୍ୱର୍ଗତ ସାହୁ ପୁଅ ରଞ୍ଜନ ପାଖରେ ସ୍ଥାୟୀ ଭାବରେ ଅବସ୍ଥାନ କରୁଥିଲେ। ରାଉରକେଲାର ପ୍ରାକ୍ତନ ଏନ୍‌ଏସି(ଏସ୍‌ଟି)ର ଅବସର ପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକାକୁଳ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ ସହ ଏଭଳି ଦୁଃଖଦ ସମୟରେ ଜଗତର ନାଥ ଶ୍ରୀ ଜଗନ୍ନାଥ ସେମାନଙ୍କୁ ସାହାସ ଓ ଶକ୍ତି ପ୍ରଦାନ କରନ୍ତୁ। ଏହା ହିଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମା’ ପାଇଁ ଗଛଟିଏ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖା ଓ ଆର୍‌ଏସିସି କେନ୍ଦ୍ରାପଡା ଶାଖାର ମିଳିତ ଆନୁକୂଲ୍ୟରେ ଶନିବାର ଦିନ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ବିଶ୍ୱଜିତ ରାଉତରାୟ ଓ ଆର୍‌ଏସିସିର ମୁଖ୍ୟ ପରିଚାଳକ ଇପ୍ସିତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟାଉନ ହାଇସ୍କୁଲ, କୋରୋ ସ୍କୁଲ ଓ କେନ୍ଦ୍ରାପଡା କଲେଜ ପରିସରରେ ୧୭୦ଟି ବୃକ୍ଷ ରୋପଣ କରାଯାଇଥିଲା । ସେହି ସ୍କୁଲ ଓ କଲେଜର କର୍ମଚାରୀମାନଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପକ୍ଷରୁ କେନ୍ଦ୍ରାପଡା ଶାଖାର ଉପ ପରିଚାଳକ ସୁପ୍ରିୟା ମଲ୍ଲିକଙ୍କ ସହିତ ହାଇସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ଭାଗ ନେଇ ବୃକ୍ଷରୋପଣ କରିଥିଲେ। ଅସନ୍ତୁଳିତ ଜଳବାୟୁ ପରିବର୍ତନ ପାଇଁ ମାନବ ସମାଜ ହିଁ ଦାୟୀ ତେଣୁ ଭବିଷ୍ୟତ ପିଢି ପାଇଁ ଗଛଟିଏ ଲଗାଇବା ନିହାତି ଜରୁରୀ ବୋଲି ମୁଖ୍ୟ ପରିଚାଳକ ଶ୍ରୀ ରାଉତରାୟ ଓ ଆର୍‌ଏସିସିର ମୁଖ୍ୟ ପରିଚାଳକ ଶ୍ରୀମତୀ ରଥ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଅଭିଭାଷଣରେ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ଗଛ ଲଗାଯିବା ସହିତ ଚାରାବଂଟନ କରାଯାଇଥିଲା।

# ନୀଳକଣ୍ଠପୁରଠାରେ ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ବୈଠକ

ଧର୍ମଶାଳା,୧/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନୀଳକଣ୍ଠପୁରସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ଦୀପାଚଂଳ ଶାଖା ନୀଳକଣ୍ଠପୁର ଜୋନ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଅଧ୍ୟକ୍ଷ ବେଣୁଧର ଶରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ଅତିଥିଭାବେ ଧର୍ମଶାଳା ଜୋନର ସଭାପତି ଆଶାତରୁ ନାୟକ,ଜିଲା ସମ୍ପାଦକ ବିବେକାନନ୍ଦ ନାୟକ,ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ,ସମ୍ମାନୀତ ଅତିଥି ଭାବେ ଅବସର ଜ୍ୟୋତି ପ୍ରତିକା ସମ୍ପାଦକ ପ୍ରଶାନ୍ତ କମ୍ପୁର ସ୍ୱାଇଁ ଓ ମୁଖ୍ୟବକ୍ତାଭବେ ସୁସାହିତ୍ୟିକ ଡ. ରାଜ କିଶୋର ପାଢୀ ପ୍ରମୁଖ ଯୋଗ ଦେଇ ଅବସର ନେଇଥିବା ସମସ୍ତ କର୍ମଚାରୀଙ୍କ ମୌଳିକ ଦାବିକୁ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି । ସ୍ୱାସ୍ଥ୍ୟବୀମା ପ୍ରଦାନ,ବୟସ ଅନୁପାତରେ ଭର୍ତା ବୃଦ୍ଧି ଓ ଗମନାଗମନ କ୍ଷେତ୍ରରେ ଯାତାୟତରେ ରିହାତି ଆଦି ଦାବି ସରକାରଙ୍କ ନିକଟରେ ଦୃଢ ଉପସ୍ଥାପନ କରିବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଦୀପାଚଂଳ ଶାଖା ସଂଘ ନୀଳକଣ୍ଠପୁର ଜୋନ ସହିତ ଜଡିତ ରାଉତରାପୁର ପଂଚାୟତର ପ୍ରାକ୍ତନଶିକ୍ଷକ ମାଗୁଣି ଚରଣ ପୃଷ୍ଟି,ଉତରପ୍ରତାପ ପଂଚାୟତର ପ୍ରାକ୍ତନ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ,ମଙ୍ଗଳପୁର ପଂଚାୟତର ପ୍ରାକ୍ତଶିକ୍ଷକ ସୁରେଶ ପ୍ରଧାନ, ଦେଓଦା ପଂଚାୟତର ପ୍ରାକ୍ତନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି ଓ ମଙ୍ଗରାଜପୁର ପଂଚାୟତର ପ୍ରାକ୍ତନଶିକ୍ଷକ ସୁଜିତ ଜେନା ପ୍ରମୁଖ ଯୋଗ ଦେଇ ନିଜନିଜ ବକ୍ତବ୍ୟ ପ୍ରଦାନ କରି କରିଥିଲେ। ଶିକ୍ଷାବିତ୍ ବିରଞ୍ଚି ନାରାୟଣ ସ୍ୱାଇଁ,ନିରଞ୍ଜନ ସାହୁ,କୁଳମଣୀ ମଲ୍ଲିକ,ଚିନ୍ତାମଣୀ ବେହେରାଙ୍କ ସମେତ ଦୀପାଚଂଳ ଶାଖାର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସହ-ସମ୍ପାଦକ ରାମ ଚନ୍ଦ୍ର ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡ଼ାରେ ସଂସ୍କୃତ ଦିବସ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଉପକଣ୍ଠ ଗୁଲନଗର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, କେନ୍ଦ୍ରାପଡ଼ା ଶାଖାର ସଭାପତି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ ଦଶ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଯାଇଛି। ପଣ୍ଡିତ କାଳୀପ୍ରସନ୍ନ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ୍ ମୁଖ୍ୟ ଅତିଥି, ପଣ୍ଡିତ ନୃସିହ ଚରଣ ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଓଷ୍ଟା ସମ୍ପାଦକ ନିର୍ମଳ କୁମାର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ ଓ ରାଜଶ୍ରୀ ସାହୁ ଯୋଗଦେଇ ସଂସ୍କୃତ ଭାଷାର ଗୁରୁତ୍ୱ ଓ ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ନଅଟି ବ୍ଲକରୁ ଆସିଥିବା ପିଲାମାନଙ୍କର ଜିଲ୍ଲାସ୍ତରୀୟ ଗୀତାପାଠ ପ୍ରତିଯୋଗିତାରେ କୁମାରୀ ସଞ୍ଜନା ସାମଲ (ପ୍ରଥମ ସ୍ଥାନ), ସ୍ୱାଧୀନ ସାମନ୍ତରାୟ (ଦ୍ୱିତୀୟ), ବୈଷ୍ଣବୀ ବେହେରା(ତୃତୀୟ)ସ୍ଥାନ ଅଧିକାର କରିଥିଲେ । ସେମାନଙ୍କୁ ସାର୍ଟିଫିକେଟ ସହ ଅର୍ଥରାଶି ସେମାନଙ୍କୁ ପ୍ରଦାନ କରାଯାଇଥିଲା। ଅବସର ଶିକ୍ଷକମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଉମାକାନ୍ତ ମହାପାତ୍ର ବେଦପାଠ, ମାନସ ମୁଦ୍ରା ଅତିଥି ପରିଚୟ, ସଂଘ ସମ୍ପାଦକ ଭଗବାନ ସାହୁ ବିବରଣୀ ପାଠ କରିଥିଲେ ଓ ଶକ୍ତି କୁମାର ଶତପଥୀ ଧନ୍ୟବାଦ୍ ଦେଇଥିବା ବେଳେ ସର୍ବଶ୍ରୀ ପ୍ୟାରୀ ମୋହନ ସ୍ୱାଇଁ, ଗୋଲକ ନାୟକ, ଶ୍ରୀନାଥ ମିଶ୍ର, ଜୟନ୍ତ ପଣ୍ଡା, ହାଡିବନ୍ଧୁ ଭୂୟାଁ, ତ୍ରୈଲୋକ୍ୟ ମିଶ୍ର, ବିଜୟ ସାହୁ, ସୂଜୟକୁମାର ବେଉରା, ପ୍ରସନ୍ନ ଦାସ, ରବିନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ଦାସ, ନର୍ମଦା ବେହେରା, ମାଗୁଣି ବେହେରା, ସୁରେଶ କୁମାର ପାଣି, ଜୟନ୍ତ ଶତପଥୀ, ଭୁବନ ମୋହନ ମିଶ୍ର, ସତ୍ୟବ୍ରତ ନନ୍ଦ, ଶ୍ରୀବସ୍ତ ତ୍ରିପାଠୀ, ମଞ୍ଜୁଶ୍ରୀ ଦାସ ସମେତ ଗୁଲନଗର ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ ଶୃଙ୍ଖଳିତ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ସଂସ୍କୃତ ଶିକ୍ଷକ/ଶିକ୍ଷିକା ଯୋଗଦେଇ ସମାରୋହକୁ ସରସ ସୁନ୍ଦର କରିଥିଲେ ।

# ବିଦ୍ୟୁତ ଆଘାତରେ ଶ୍ରମିକର ମୃତ୍ୟୁ : ଜିଲ୍ଲା ଚିକିତ୍ସାଳୟରେ ଡାକ୍ତରକୁ ଠେଲାପେଲା ଓ ଭଙ୍ଗାଭଙ୍ଗି

ଜୟପୁର,୧/୦୯ (ନି.ପ୍ର): ଶ୍ରମିକଙ୍କ ମୃତ୍ୟୁକୁ ନେଇ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଭାଙ୍ଗା ଭଙ୍ଗି, ଡାକ୍ତର ଠେଲା ଠେଲି କରି ପରିସ୍ଥିତି ସୃଷ୍ଟି ହୋଇଛି । ଜୟପୁର କୁମ୍ଭାର ସାହିରେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଶ୍ରମିକ ସୁରେଶ ହରିଜନ (୩୦) ଗୁରୁତର ହୋଇପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ବହୁ ଉଦ୍ୟମ ପରେ ବି ଶ୍ରମିକର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ଶ୍ରମିକ ଙ୍କ ସହ ଯାଇଥିବା ସମ୍ପର୍କିୟ ମାନେ ଚିକିତ୍ସାଳୟରେ ଭଙ୍ଗାଭଙ୍ଗି କରିଥିଲେ ଓ ଡାକ୍ତର ଓ କର୍ମଚାରି ମାନଙ୍କୁ ଠେଲାପେଲା କରିଥିଲେ । ଷ୍ଟାଫ ନର୍ସ ମାନଙ୍କୁ ଆକ୍ରମଣ ଉଦ୍ୟମ କରୁଥିଲେ । ପରେ ସୁଚନା ପାଇ ଜୟପୁର ସଦର ପୋଲିସ ଓ ଟାଉନ ପୋଲିସ ପହଂଚି ପରିସ୍ଥିତିକୁ ଆୟତ କରିଥିଲେ । ଘଟଣା ସ୍ଥଳରେ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ମାମଲା ରୁଜୁ କରାଯାଇ ପରବର୍ତି ପଦକ୍ଷେପ ନିଆଯିବ ବୋଲି ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି । ଡାକ୍ତରଙ୍କ ସୁରକ୍ଷା ସହ ଜିଲା ଚିକିତ୍ସାଳୟରେ ତୁରନ୍ତ ଫାଣ୍ଡି ସ୍ଥାପନ କରିବା ପାଇ ଡାକ୍ତର ରତି କାନ୍ତ ଖଟୁଆ ଦାବି କରିଥିଲେ । ଏନେଇ ଜୟପୁର ଟାଉନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

# ଗଗନ ବିହାରୀ ମିଶ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଭୁବନ,୧/୦୯ (ନି.ପ୍ର):ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ର ଚତୁର୍ଥ ଶ୍ରେଣୀ କର୍ମଚାରୀ ଗଗନ ବିହାରୀ ମିଶ୍ର ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ଅଜିତ କୁମାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇତିହାସ ଅଧାପକ ପ୍ରଭାତ କୁମାର ଜେନା,ଅର୍ଥନୀତି ଅଧାପିକା ସଂଘମିତ୍ରା ମିଶ୍ର,ଇଂରାଜୀ ଅଧାପକ ଅନିଲ କୁମାର ଧୀର,ଶିକ୍ଷା ବିଭାଗ ଅଧାପକ ଅଲେଖ ଚନ୍ଦ୍ର ପାତ୍ର, ଇତିହାସ ଅଧାପକ ପ୍ରଫୁଲ୍ଲ କୁମାର ଭୂୟାଁ,ଶିକ୍ଷା ଅଧାପକ ହେମନ୍ତ ରାଉତ, ଅର୍ଥନୀତି ଅଧାପକ ଦୁର୍ଯ୍ୟୋଧନ ଜେନା, ବାଣିଜ୍ୟ ଅଧାପକ ଧାନି ମୁର୍ମୁ, ବାଣିଜ୍ୟ ଅଧାପକ ବିଳାସ ସେଠୀ, ଇଂରାଜୀ ଅଧାପକ ସୁକାନ୍ତ ସାହୁ, ଲାଇବ୍ରେରିଆନ ନନ୍ଦ କିଶୋର ଧୀର ,ବରିଷ୍ଠ କିରାଣୀ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଅବସର ଗ୍ରହଣ କରୁଥିବା କର୍ମଚାରୀ ଶ୍ରୀଯୁକ୍ତ ମିଶ୍ର ଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରି ସେ ଜଣେ ଶାନ୍ତ, ସରଳ, ମେଳାପି ବ୍ୟକ୍ତି ବୋଲି ମତବ୍ୟକ୍ତ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଶେଷରେ ଶ୍ରୀଯୁକ୍ତ ମିଶ୍ର ଙ୍କୁ ପୁଷ୍ପଗୁଛ, ଉତରୀୟ, ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା।

# ଚମ୍ପୁଆରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ

ଚମ୍ପୁଆ,୧/୦୯ (ନି.ପ୍ର): ଆଜି ଓଡିଶା ଡ୍ରାଇଭର ମହାସଂଘ ଚମ୍ପୁଆ ଶାଖା ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ପ୍ରଥମେ ବ୍ଲକର ସମସ୍ତ ପଂଚାୟତ ମାନଙ୍କରେ ପାଳନ କରିବା ପରେ ଚମ୍ପୁଆ ଏନଏସି ଅନ୍ତର୍ଗତ ଶୀରପୁରସ୍ଥ କାର୍ଯ୍ୟାଳୟ ଠାରେ ପାଳିତ ହୋଇ ଯାଇଛି। ଚମ୍ପୁଆ ବ୍ଲକ ଡ୍ରାଇଭର ମହାସଂଘର କୋଷାଧକ୍ଷ ଗଜେନ୍ଦ୍ର ତିରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବ୍ଲକର ସମସ୍ତ ପଂଚାୟତର ଆଡମିନ ଓ ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶୀରପୁର ଛକସ୍ଥିତ ଚମ୍ପୁଆ ଶାଖା କାର୍ଯ୍ୟାଳୟ ଠାରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମେ ଗାନ୍ଧୀ ଛକ ଠାରେ ଜାତିରପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ଚମ୍ପୁଆ କୋର୍ଟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ମଧୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତାପରେ ପୁଣି ରାଲିରେ ଯାଇ ବଙ୍ଗଳା ଛକ ଠାରେ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ କାର୍ଯ୍ୟାଳୟ ଠାରେ ସମସ୍ତଙ୍କ ଉପସ୍ଥିତିରେ କେକ କଟା ଯାଇ ଉପସ୍ଥିତ ସମସ୍ତ ଡ୍ରାଇଭର ଭାଇ ମାନେ ନିଜ ନିଜ ଭିତରେ ମିଠା ବଂଟନ କରି ଭାଇ ଚାରାର ଭାବ ଆଦାନ ପ୍ରଦାନ କରିଥିଲେ। ପରେ ଉପସ୍ଥିତ ସମସ୍ତ ସଂଘ ସଦସ୍ୟ ଗତ ଅଗଷ୍ଟ ୧୦ତାରିଖରେ ରିମୁଳି ବାଇପାସ ଠାରେ ଦୁର୍ଘଟଣା ଘଟି ଗୁରୁତର ହୋଇ ଚିକିତ୍ସିତ ହେଉଥିବା ସୁନାପୋଷି ପଂଚାୟତ ଡ୍ରାଇଭର ମହାସଂଘ ର ପଂଚାୟତ ସମ୍ପାଦକ ଗିରିଧାରୀପୁର ଗ୍ରାମର ମନୋଜ କୁମାର ମୁଣ୍ଡାଙ୍କ ପରିବାରକୁ ସୌଜନ୍ୟ ମୂଳକ ସାକ୍ଷାତ କରି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଉପସଭାପତି ପରମେଶ୍ୱର ମହାନ୍ତ, ସମ୍ପାଦକ ଅର୍ଜୁନ ମହାନ୍ତ, ସହ ସମ୍ପାଦକ ଅସିତ କୁମାର ମହାନ୍ତଙ୍କ ସମେତ ୨୨ଟି ପଂଚାୟତର ସମସ୍ତ ଆଡମିନ, ସଦସ୍ୟ ଓ ଚମ୍ପୁଆ ଏନଏସି ର ସମସ୍ତ କର୍ମକର୍ତା। ଉପସ୍ଥିତ ଥିଲେ।

# ପଶ୍ଚିମ ଓଡିଶା ପୁରାଣ ପଣ୍ଡା ମହାସଂଘର ବୈଠକ

ବଲାଙ୍ଗିର,୧/୦୯ (ନି.ପ୍ର): ପଶ୍ଚିମ ଓଡିଶା ପୁରାଣ ପଣ୍ଡା (ଗାୟକ) ମହାସଂଘର ଏକ ବୈଠକ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲାର ଗାୟକମାନେ ବୈଠକରେ ଯୋଗ ଦେଇଥିଲେ । ଏକ ମାନସ ଯଜ୍ଞ କରିବା ପାଇଁ ସ୍ଥିରିକୃତ ହୋଇଥିଲା ଓ ଏହାର ପୁଙ୍ଖାନୁପଙ୍ଖ ଆଲୋଚନାରେ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ । ଉକ୍ତ ବୈଠକରେ ସାଂସ୍କୃତିକ କଳା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ଓ ଚୌଦ୍ୱାର ପୂର୍ବତନ ବିଧାୟକ ମୋବାଇଲ ଯୋଗେ ବାର୍ତ୍ତାଳାପ କରିଥିଲେ ଏବଂ ବ୍ରାହ୍ମଣ ସାଧୁ ଝାଙ୍କରପାଲି, ଲୋଇସିଂହା ହନୁମାନ ମନ୍ଦିର ସାଧୁ, ବଳଦେବ ପାଣିଗ୍ରାହୀ, ଗିରିଧାରୀ ଶତପଥି, ବ୍ରାହ୍ମଣ ମହାସଭାର ସଭାପତି ଧନଞ୍ଜୟ ମିଶ୍ର, ପଶ୍ଚିମ ଓଡିଶା ପୁରାଣ ପଣ୍ଡା ସଭାପତି ସୁରେନ୍ଦ୍ର କୁମାର ତ୍ରିପାଠି ଓ ସଂପାଦକ ସୁରେନ୍ଦ୍ର ପାଣି, କୋଷାଧ୍ୟକ୍ଷ କିଶୋର କୁମାର ମିଶ୍ର, ବୈଦ୍ୟନାଥ ମିଶ୍ର, ନରସିଂହ ତ୍ରିପାଠି, ସରୋଜ ବେଦବାକ୍, ସଚ୍ଚିଦାନନ୍ଦ ମହାପାତ୍ର, ଗିରିଧାରୀ ମିଶ୍ର, ବଟୁ ଯୋଷି, ଗୌରାଙ୍ଗ ପୁରୋହିତ, ଯଦୁମଣି ତ୍ରିପାଠି, ରାଜେନ୍ଦ୍ର ପଣ୍ଡା, ବାବୁଲା ମିଶ୍ର, ଯୋଗିରାମ ପାଣି, ଶମ୍ଭୁ ପ୍ରସାଦ ମିଶ୍ର, ଯୋଗେନ୍ଦ୍ର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୧/୦୯ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜୟପୁର ସାରଦା ବିହାର ସରସ୍ୱତୀ ଶିଶୁ ମନ୍ଦିର ସଭାଗୃହରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ସଦ୍‌ଭାବନା ପ୍ରମୁଖ ଗଣେଷ ଆଚାର୍ଯ୍ୟ ଯୋଗ ଦେଇ ପ୍ରାରମ୍ଭିକ ଭାଷଣ ସହ ସଂଘ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସହ ସଂଯୋଜକ ସୌମ୍ୟ ରଂଜନ ମିଶ୍ର, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଂପାଦକ କମଳକାନ୍ତ ବିଶ୍ୱାଳ, ପଶ୍ଚିମ ପ୍ରାନ୍ତ ସହ ସଂଯୋଜକ ନବକୃଷ୍ଣ ରଥ, ଧର୍ମ ପ୍ରସାର ବିଭାଗ ପୂର୍ଣ୍ଣ କାଳିନ ଦୁର୍ଯ୍ୟୋଧନ ମାଳି, ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ଉପସଭାପତି ବାବୁ ଭାଇ ବଜରଙ୍ଗୀ ପ୍ରମୁଖ ମଂଚାସୀନ ଅତିଥି ରୂପେ ଯୋଗ ଦେଇ ସଂଘର କାର୍ଯ୍ୟକ୍ରମ ଉପରେ ମତ ଦେଇଥିଲେ । ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଭିନ୍ନ ସମାଜକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସିମ୍ଫୋନିର ପରିଚାଳନା କମିଟି ଗଠିତ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): ବିବିଧ କଳାର ସମାବେଶୀ ମଂଚ-ସିମ୍ଫୋନିର ଏକ ସ୍ୱତନ୍ତ୍ର ବୈଠକ କେନ୍ଦ୍ରାପଡ଼ା ମାଧପୁରସ୍ଥିତ ପୁନର୍ବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ବିସ୍ତୃତ ଭାବେ ଏହି ଅନୁଷ୍ଠାନର ସୃଜନ ଓ କଳା ସମ୍ପର୍କିତ ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭିକ ଭାବେ ଏହି ଦିଗରେ ଅନୁଷ୍ଠାନ ନିଜର କଳାତ୍ମକ ସ୍ୱକୀୟତା ସହ କାର୍ଯ୍ୟ କରିବା ନିମନ୍ତେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ସିମ୍ଫୋନିର ପ୍ରତିଷ୍ଠାତା ତଥା ବିଶିଷ୍ଟ କଥାକାର ଡ. ବିରଜା ରାଉତରାୟଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ, ବିଶିଷ୍ଟ ଗାଳ୍ପିକ ଓ ନାଟ୍ୟଶିଳ୍ପୀ ଜ୍ଞାନରଞ୍ଜନ ନାୟକଙ୍କୁ ମୁଖ୍ୟ ସଂଯୋଜକ, ଡ. ବିନାୟକ ପ୍ରସାଦ ପ୍ରଧାନଙ୍କୁ ସମ୍ପାଦକ, ବଂଶୀଧର ମହାନ୍ତିଙ୍କୁ କୋଷାଧକ୍ଷ ଓ ସ୍ୱପ୍ନାଂଶୁ କୁମାର ଦାସଙ୍କୁ ସଂଯୋଜକ ରୂପେ ଚୟନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଭାବେ ବରିଷ୍ଠ କବି ନିରାକାର ଦାସ,ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକ, ନାଟ୍ୟ ସଂଗଠକ କୈଳାସ ଚନ୍ଦ୍ର ମହାନ୍ତି ମନୋନୀତ ହୋଇଛନ୍ତି । ସେହିପରି ଯୁବ କବି ଗୋଲାପ ରାଉତଙ୍କୁ ସହ ସଂଯୋଜିକା (ସାହିତ୍ୟ), ଗୌତମ କୁମାର ସାହୁଙ୍କୁ ସହ ସଂଯୋଜକ (ସାମାଜିକ ଗଣମାଧ୍ୟମ), ପ୍ରଫୁଲ୍ଲ କୁମାର ଜେନାଙ୍କୁ ସହ ସଂଯୋଜକ (ନାଟକ), ସିନୁଲତା ଦାସଙ୍କୁ ସହ ସଂଯୋଜିକା (କଳା) ଭାବେ ଏହି କମିଟିରେ ସ୍ଥାନିତ ହୋଇଛନ୍ତି । ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟଶିଳ୍ପୀ ବିଷ୍ଣୁପ୍ରିୟା ସାମଲ, ଦିବ୍ୟରଞ୍ଜନ ବେହେରା, ରାଧାକାନ୍ତ ମହାନ୍ତି ପ୍ରମୁଖ ବିଭିନ୍ନ କଳାବିଭବଆଦି କାର୍ଯ୍ୟକ୍ରମ ନେଇ ସ୍ୱମତ ଉପସ୍ଥାପନ କରିଥିଲେ। ପରବର୍ତୀ ସମୟ ଆବଶ୍ୟକତା ଅନୁଯାୟୀ କମିଟିକୁ ଆହୁରି ବିସ୍ତାର କରିବାକୁ ସ୍ଥିର କରାଯିବା ସହ ସିମ୍ଫୋନିର ଚଳିତବର୍ଷ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଗଲା । ଆସନ୍ତା ଡିସେମ୍ବର ମାସରେ ତିନି ଧରି କେନ୍ଦ୍ରାପଡ଼ାରେ ପ୍ରଥମ ଥର ପାଇଁ ନାଟ୍ୟ ମହୋତ୍ସବ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହେଲା । ଏଥିରେ ପ୍ରତ୍ୟହ ତିନୋଟି ମାତ୍ର ଏକ ଘଂଟା ଅବଧିର ଶକ୍ତିଶାଳୀ ସାମାଜିକ ବାର୍ତା ବହନକାରୀ ସଂକ୍ଷିପ୍ତ ନାଟକ ପରିବେଷଣ କରାଯିବ। ଏହାର ଉଦେଶ୍ୟ ଏହି ଅବଲୁପ୍ତ ସୌଖିନ ମଂଚ କଳାକୁ ନୂତନ ଫର୍ମାଟରେ ପୁଣି ଦର୍ଶକମାନଙ୍କ ନିକଟତର କରାଇବା। ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ସୌଖିନ ନାଟ୍ୟ ଅନୁଷ୍ଠାନ ଏବଂ ଜିଲ୍ଲା ଅନୁଷ୍ଠାନଗୁଡିକୁ ମଧ୍ୟ ସୁଯୋଗ ପ୍ରଦାନ କରାଯିବ । ସର୍ବଶେଷରେ ସହ ସଂଯୋଜିକା ଗୋଲାପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର,୧/୦୯ (ନି.ପ୍ର): ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଭୁବନେଶ୍ୱର ମଂଚେଶ୍ୱରଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ସହିତ ସେମାନଙ୍କ ଦକ୍ଷତାକୁ ବ୍ୟାପକ କରିବା ପାଇଁ ସ୍ଥାପିତ ଏହି କେନ୍ଦ୍ର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଦିଗରେ ବିଶେଷ ସହାୟକ ହେଉଛି । ଆଗାମୀ କାଲିର ଶିଳ୍ପ ଦୁନିଆ ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଉଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପ୍ରକାଶ କରିଛନ୍ତି । ମୁଖ୍ୟ ଶାସନ ସଚିବ ଆଜି ବିଶ୍ୱ ଦକ୍ଷତା କେନ୍ଦ୍ରର ପରିଦର୍ଶନ କରି କେନ୍ଦ୍ରରେ ଚାଲୁ ରହିଥିବା ବିଭିନ୍ନ ପ୍ରଶିକ୍ଷଣ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ ସହ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଏନ. ବି. ଏସ୍ ରାଜପୁତ ଯୋଗ ଦେଇଥିଲେ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଓ ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଥିବା ମୋଟ ୭ଟି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ଟିକାଲ ସୁବିଧା ଦେବା ପାଇଁ ଅନ୍ତର୍ଜାତୀୟ ମାନର ପରୀକ୍ଷାଗାର (ଲାବୋରେଟୋରୀ) ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଲାବୋରେଟୋରୀ ବୁଲି ଦେଖିଥିଲେ। ତାଲିମ ପାଠ୍ୟକ୍ରମରେ ଏହା କିପରି ସହାୟକ ହେଉଛି ସେ ବିଷୟରେ ମୁଖ୍ୟ ଶାସନ ସଚିବ ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ପାଠ୍ୟକ୍ରମ ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନୀରେ ନିଯୁକ୍ତି ସୁଯୋଗ ଦିଆଯାଉଛି । ମୁଖ୍ୟ ଶାସନ ସଚିବ ଏ ବିଷୟରେ ଜାଣିବା ସହିତ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ । ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ‘‘ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି, ଏହାକୁ ଶାଣିତ କରିବା ସହିତ ଆଗାମୀ କାଲିର ଆଧୁନିକ ଶିଳ୍ପ ଦୁନିଆ ପାଇଁ ଆବଶ୍ୟକ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି” । ଫଳରେ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି । ଓଡ଼ିଶାର ଯୁବପିଢ଼ିଙ୍କୁ ଆତିଥେୟତା ଓ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ଲାଗି ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ରହିଛି ରାଜ୍ୟର ପ୍ରଥମ ‘କୌଶଳ ଭବନ’। ମୁଖ୍ୟ ଶାସନ ସଚିବ ଏହି କୌଶଳ ଭବନ ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ ପାଇଁ ଏଠାରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ସେ ବୁଲି ଦେଖିଥିଲେ। ରାଜ୍ୟ ସରକାରଙ୍କ ‘ସ୍କିଲ୍ଡ ଇନ୍ ଓଡ଼ିଶା’ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଓଡ଼ିଶା ଦକ୍ଷତା ବିକାଶପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।

# ଶ୍ରୀ ରାଧା ଗୋବିନ୍ଦଜୀଉ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ଚାଟରାପାଟଣା ଗ୍ରାମରେ ଥିବା ପ୍ରସିଦ୍ଧ ଶ୍ରୀ ରାଧା ଗୋବିନ୍ଦଜୀଉ ମନ୍ଦିରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି । ଜନ୍ମାଷ୍ଟମୀ ତିଥିରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦୟଧାଳୁ ଓ ଅଷ୍ଟମୀ ବ୍ରତ ପାଳନ କରିଥିବା ଭକ୍ତମାନେ ମନ୍ଦିରରେ ଶ୍ରୀଜୀଉ ମାନଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଉପଲକ୍ଷେ ନନ୍ଦ ଉତ୍ସବ ପାଳନ କରାଯାଇ ନନ୍ଦ, ଯଶୋଦା, ଶ୍ରୀକୃଷ୍ଣ, ଶ୍ରୀ ବଳରାମଙ୍କ ବେଶ ଧାରଣ କରିଥିବା ବ୍ରତୀମାନେ ସୁସଜ୍ଜିତ ଶୋଭାଯାତ୍ରା ରେ ନଗର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ଏକ ବିରାଟ ପଟୁଆର ରେ ରାଧା ଗୋବିନ୍ଦଜୀଉ ମନ୍ଦିର ପରିସରରୁ ବାହାରି ନୂଆ ବସଷ୍ଟାଣ୍ଡ, ମହିପାଳ, ଚାଟରାପାଟଣା, କଜଳା ପ୍ରଭୃତି ଅଂଚଳ ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତନ କରିଥିଲା । ଏହି ଶୋଭାଯାତ୍ରା କୁ ମନ୍ଦିରର ଟ୍ରଷ୍ଟି ମାନସ ରଂଜନ ମହାନ୍ତି ଙ୍କ ସମେତ ସ୍ଥାନୀୟ ଅଂଚଳର ଶ୍ରଦ୍ଧାଳୁ ମାନେ ପରିଚାଳନା କରିଥିଲେ ।

# ରାଜ୍ୟସାରା ଚାଲୁଛି ‘ସୁଭଦ୍ରା’ କାର୍ଯ୍ୟକାରିତାର ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧/୦୯ (ନି.ପ୍ର): “ସୁଭଦ୍ରା” ଯୋଜନାକୁ ଘରେ ଘରେ ପହଂଚାଇବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। “ସୁଭଦ୍ରା” ଯୋଜନାର ମାର୍ଗଦର୍ଶିକା ଜାରି ହେବା ପରେ ପରେ ରାଜ୍ୟସାରା ଏହି ତାଲିମ କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ ଅନୁଷ୍ଠିତ କରାଯାଉଛି। ଏହି ତାଲିମ କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଶାସନରେ ଉଚ୍ଚସ୍ତରରୁ ଆରମ୍ଭ କରି ତୃଣମୂଳସ୍ତର ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉଛି। ଆବେଦନକାରୀଙ୍କୁ ସଠିକ ସୂଚନା ପ୍ରଦାନ, ଆବେଦନ ପ୍ରକ୍ରିୟାକୁ ଠିକ ଭାବରେ ନିର୍ବାହ କରି ମାର୍ଗଦର୍ଶିକା ଅନୁସାରେ ସୁଭଦ୍ରା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଓ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ରାଜ୍ୟର ସମସ୍ତ ଜିଲ୍ଲାପାଳ, ରାଜସ୍ୱ ଆୟୁକ୍ତ ଓ ଅନ୍ୟ ସମସ୍ତ ମହାନଗର ନିଗମ କମିଶନରମାନଙ୍କ ସହ ଆଭାଷୀ ବ୍ୟବସ୍ଥା ମାଧ୍ୟମରେ ଆଲୋଚନା କରିଥିଲେ। ମହିଳା ଶିଶୁ ବିକାଶ ବିଭାଗ ତଥା ଆଇସିଡିଏସ ଓ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ମୋନିଶା ବାନାର୍ଜୀଙ୍କ ଦ୍ୱାରା ବିଭାଗୀୟ କର୍ମକର୍ତ୍ତାମାନଙ୍କୁ “ସୁଭଦ୍ରା”ର ମାର୍ଗଦର୍ଶିକା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ପୋଷଣ ଜିଲ୍ଲା ସଂଯୋଜକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ- ମମତା, ଏନଓପି ପରିଚାଳକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ସଚିବଙ୍କ ଦ୍ୱାରା ଆଭାଷୀ ବ୍ୟବସ୍ଥା ମାଧ୍ୟମରେ ତାଲିମ ପାଇଥିଲେ ।

# ଯୋଗ କଲାବେଳେ ସାବଧାନତା



ଯୋଗ କରିବା ଏକ ଉତ୍ତମ ବିଚାରଧାରା। ହେଲେ ଏହି ଯୋଗ କଲାବେଳେ କେତୋଟି ବିଷୟ ପ୍ରତି ନିହାତି ଧ୍ୟାନ ଦେବା ଆବଶ୍ୟକ। ଭାରତର ନାମକରା ଯୋଗଗୁରୁମାନେ ଏ ବାବଦରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ଚେଷ୍ଟା କରିଛନ୍ତି।

- ଯୋଗ କଲାବେଳେ ଶରୀରର ସାଧାରଣ ତାପମାତ୍ରା ସାମାନ୍ୟଠାରୁ ଅଧିକ ଥାଏ। ଏହି ସମୟରେ ଥଣ୍ଡା ପାଣି ପିଇବା ଉଚିତ ନୁହେଁ, କାରଣ ସର୍ଦ୍ଦି, ଜ୍ୱର ହେବାର ଆଶଙ୍କାରହିଛି।

- ସବୁବେଳେ ଯୋଗଗୁରୁଙ୍କ ପରାମର୍ଶରେ ହିଁ ଯୋଗ କରିବା ଉଚିତ। ପୁସ୍ତକ ପଢ଼ି କିମ୍ବା ସିଡ଼ି ଦେଖି ଯୋଗକୋଲେ ଶରୀର ପାଇଁ ହାନିକାରକ ହୋଇପାରେ।

- ଭୋଜନ କରିବା ପରେ ଯୋଗକରିବା ସମ୍ପୂର୍ଣ୍ଣ ଅନୁଚିତ। ସକାଳୁ ଖାଲିପେଟରେ ଯୋଗ କରିବା ସର୍ବୋତ୍ତମ।

- ଯୋଗ କରିବା ପରେ ସଙ୍ଗେ ସଙ୍ଗେ ଗାଧୋଇବା ଅନୁଚିତ। ଅତିକମରେ ଯୋଗ କରିବାର ୧ ଘଣ୍ଟା ପରେ ସ୍ନାନ କରିବା ଶରୀର ପାଇଁ ଭଲ।

- ଯୋଗ କଲାବେଳେ ହାଲକା ପୋଷାକ ପିନ୍ଧିବା ସହ ଅଳଙ୍କାର ନପିନ୍ଧିବାକୁ ବିଶେଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆସନ କଲାବେଳେ ଗହଣାଗୁଡ଼ିକ ଶରୀର କ୍ଷତି ପହଞ୍ଚାଇପାରନ୍ତି।

- ଯୋଗ ଶିଖିବାର ପ୍ରାରମ୍ଭ ସମୟରୁ ହିଁ ସରଳରୁ କଠିନ ଆସନକୁ ଗତି କରନ୍ତୁ। ପ୍ରଥମରୁ କଠିନ ଆସନ କରିବା ଶରୀର ପାଇଁ କ୍ଷତିକାରକ।

- ଶରୀର ଅସୁସ୍ଥ ଥିବାସମୟରେ ଯୋଗ କରିବେ ନାହିଁ। ଯଦି ଏହି ସମୟରେ ଯୋଗ କରିବାକୁ ଚାହୁଁଛନ୍ତି, ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

- ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ହିଁ ଯୋଗ କରିବେ।

- ପିଠିରେ କିମ୍ବା ମାଂସପେଶୀରେ କଷ୍ଟ ହେଲେ ଯୋଗଗୁରୁଙ୍କ ପରାମର୍ଶ ନେବେ।



- ଯୋଗ କରିବା ସମୟର ଶୌଚାଳୟ ନଯିବା ଉଚିତ। ନିଜ ଶରୀରର ଜଳୀୟ ଅଂଶକୁ ଝାଳ ଆକାରର ବାହାର କରିବାକୁ ଚେଷ୍ଟା କରନ୍ତୁ।

-ଭୂମି ଉପରେ ଆସନ ବିଛାଇ ଯୋଗ କରିବା ସବୁଠୁ ଉତ୍ତମ।

# ସତେଜ ରହିବ ଗୋଲାପ

ବୈଜ୍ଞାନିକମାନେ ଏପରି ଏକ ଉତ୍ପାଦ ପ୍ରସ୍ତୁତ କରିଛନ୍ତି ଯାହା ବହୁଦିନ ପର୍ଯ୍ୟନ୍ତ ଫୁଲକୁ ସତେଜ ରଖିପାରିବ। ଆମେରିକୀୟ ବାୟୋଟେକ୍ କମ୍ପାନୀ ମନସାଣ୍ଟୋ ଏଥିପାଇଁ ନୂଆ ପ୍ରଡ଼କ୍ଟ ଚଳିତ ବର୍ଷ ପ୍ୟାଟେଣ୍ଟ କରାଇଛି। ଏହା ଫୁଲର ଡିଏନଏରେ ପରିବର୍ତ୍ତନ ଆଣି ଏହାକୁ ଝାଉଁଳିବାରୁ ସୁରକ୍ଷା ଦେବ। ଏଗ୍ରିକଲଚରାଲ ବାୟୋଟେକ୍ ଫାର୍ମ ମନସାଣ୍ଟୋ



ଲାଗି ରିଭର୍ସ ଜେନେଟିକ ଇଞ୍ଜିନିୟରିଂ ବ୍ୟବହାର କରିଛି। ଏହି ପ୍ରଡ଼କ୍ଟ ପାଇଁ କମ୍ପାନୀ ପକ୍ଷରୁ ପ୍ୟାଟେଣ୍ଟ ଲାଗି ଆବଦେନ ବି କରାଯାଇଛି। ଏହା ଗଛର ଡିଏନଏରେ ପରିବର୍ତ୍ତନ ଆଣି ଫଳ ପାଚିବା ଏବଂ ପାଖୁଡ଼ା ଝଡ଼ିବାରେ ସହାୟକ ହେଉଥିବା ଏଥିଲିନ ଗ୍ୟାସ ସୃଷ୍ଟିକୁ ବନ୍ଦ କରିଥାଏ। ଏହା ବିଶେଷକରି ଗୋଲାପ ଏବଂ ସେବତୀ ଜାତୀୟ ପେଟୁନିଆ ଓ କାର୍ନେସନ ଫୁଲକୁ ସତେଜ ରଖିପାରିବ। ଫୁଲଚାଷୀ ଏବଂ ବ୍ୟବସାୟୀ ଏହାଦ୍ୱାରା ନିଶ୍ଚୟ ଲାଭବାନ ହେବେ। ଏହାର ପ୍ରକୃତର ନାମ ରଖାଯାଇଛି ଆର୍‌ଏନ୍ ଏଆଇ। ଫୁଲଦାନି ବା ପାତ୍ରରେ ରଖାଯାଉଥିବା ପାଣିରେ ଏହାକୁ ମିଶାଇ ସେଥିରେ ଫୁଲ ରଖିଲେ ବେଶ୍ କିଛିଦିନ ସତେଜ ରହିବ।

# ସୋଫା କିଣୁଥିଲେ....



ଆଜିକାଲି ଲିଭିଂ ରୁମ୍ ଡେକୋରେସନ୍‌ର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ସୋଫା। ଘରେ ସୋଫା ସେଟ୍‌ଟିଏ ପଡିନଥିଲେ ଘରର ସାଜସଜ୍ଜା ଅସମ୍ପୂର୍ଣ୍ଣ ମନେ ହୁଏ। ତେବେ ଘରର ଆକାର ଏବଂ ବ୍ୟକ୍ତିଗତ ଆବଶ୍ୟକତା ତଥା ରୁଚିବୋଧକୁ ଆଖିରେ ରଖି ସୋଫା କିଣିବା ଉଚିତ୍।

ସୋଫା କିଣିବା ପୂର୍ବରୁ ଘରର ଆକାରକୁ ଧ୍ୟାନରେ ରଖନ୍ତୁ ସେହି ଅନୁଯାୟୀ ସୋଫାର ଆକାର ଦେଖବ କିଣନ୍ତୁ। ଲିଭିଂ ରୁମ୍ ଏବଂ ହଲ୍‌ର ଦୈର୍ଘ୍ୟ, ପ୍ରସ୍ଥ ଅନୁସାରେ ଆପଣ ବାଛିଥିବା ସୋଫା ଉପଯୁକ୍ତ ଭାବେ ଖାପ ଖାଇବ କି ନାହିଁ ସେ ବିଷୟରେ ଯିକେ ଚିନ୍ତା କରନ୍ତୁ। ଘରର ଆକାର ଅନୁସାରେ ସୋଫା ବାଛିଲା ପରେ ଆପଣଙ୍କୁ ସେତେ ବେଶି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ।

ଆଜିକାଲି ଜୀବନଶୈଳୀକୁ ସୁହାଇବା ଭଳି ବିଭିନ୍ନ ଭେରାଇଟିର ସୋଫା ବଜାରରେ ଉପଲବ୍ଧ। ସେହି ଅନୁସାରେ ସୋଫାର ଗଦି ମଧ୍ୟ ବିଭିନ୍ନ ଭେରାଇଟିର ମିଳୁଛି। ଯେମିତିକି କଟନ୍, ସିଲ୍କ, ଉଲ୍, ବ୍ଲେଣ୍ଡ ଏବଂ ସିନ୍ଥେଟିକ୍ ଲେଦର୍। ସିଲ୍କ ସୁନ୍ଦର ଏବଂ ଆକର୍ଷଣୀୟ ଲାଗେ। କଟନ୍ ଉପଯୁକ୍ତ ହେଲେ ମଧ୍ୟ ପତଳା ଲାଗେ। ଲିନେନ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଏ। ରେଶମୀ ଏବଂ ସିନ୍ଥେଟିକ୍ ଲେଦର ନରମ ହେବା ସହିତ ମଜ୍‌ବୁତ୍ ରହିଥାଏ।

ଯଦି ଆପଣଙ୍କ ଘରେ ଛୋଟ ପିଲା ଅଛି ତେବେ ମଲ୍ଟି କଲ୍‌ର ସୋଫା ବ୍ୟବହାର କରନ୍ତୁ। ଫିକା ରଙ୍ଗର ଗଦିବାଲା ସୋଫା କିଣନ୍ତୁ ନାହିଁ। କାରଣ ଏହା ଶୀଘ୍ର ମଇଳା ହେବାର ସମ୍ଭାବନା ଅଛି। ସୋଫା କିଣୁଥିଲା ବେଳେ ରଙ୍ଗ ଆଧୁନିକ ଷ୍ଟାଇଲ୍‌କୁ ବାଛିପାରନ୍ତି।

ଆବଶ୍ୟକ ସ୍ଥଳେ ମଲ୍ଟିପରପସ୍ ସୋଫା ମଧ୍ୟ କିଣିପାରନ୍ତି। ଏଭଳି ସୋଫା କିଣିଲେ ଆପଣ ସୋଫାକୁ ଖଟ ଭଳି ବ୍ୟବହାର ମଧ୍ୟ କରିପାରିବେ।

ସୋଫାର କଲର୍ ଏବଂ ପ୍ୟାଟର୍ଣ୍ଣ ଅନୁସାରେ ରଙ୍ଗବେରଙ୍ଗୀ କୁଶନ୍ ମଧ୍ୟ କିଣନ୍ତୁ।

ଛୋଟ ଘର ହୋଇଥିଲେ ଅଧିକ ଓଜନିଆ ଓ ବଡ଼ ସୋଫା କିଣନ୍ତୁ ନାହିଁ। ଏଭଳି ସୋଫା ଲିଭିଂ ରୁମ୍‌ର କାର୍ପେଟ୍ ଏରିଆକୁ ଆହୁରି ସଙ୍କୁଚିତ କରିଦେବ।

କୌଣସି କାରଣବଶତଃ ଘର ବାରମ୍ବାର ବଦଳାଇବାକୁ ପଡୁଥିଲେ ଓଜନିଆ ସୋଫା କିଣିବା ପରିବର୍ତ୍ତେ ହାଲୁକା ସୋଫା କିଣନ୍ତୁ ଯାହାକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ହେବ।



# ଏହି ପତ୍ରର ରସ ପିଇଲେ ସଫା ହୁଏ ଗଳା: ଏଥିରେ ଫେସିଆଲ୍ କଲେ ଚମକିବ ତ୍ୱଚା



ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ। ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ। ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ। ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା। ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି। ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ସହାୟକ ହୋଇଥାଏ।

ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ। ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ।

ଏହା ଛଡ଼ା ଖଣ୍ଡିଆଖାପରାରେ ବି ଏହି ପତ୍ରକୁ ବ୍ୟବହାର କରାଯାଇପାରେ। କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ। ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛେଚି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ। ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ। ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ। ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ। ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ। ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଦୁଇଥର ଏପରି କରିବା ଦ୍ୱାରା ତେଲିଆ ତ୍ୱଚାର ସାଧାରଣ ଅବସ୍ଥା ଫେରିପାଏ। ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ।

# ଜୁସ୍‌ଠୁ ଭଲ ଚକୋଲେଟ୍

ଆମେରିକାର ଏକ ଚକୋଲେଟ କମ୍ପାନୀ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ଜୁସ୍ ଠାରୁ ଚକୋଲେଟ ବହୁ ଗୁଣରେ ଭଲ। ଏପରିକି ଏକ ଅଧ୍ୟୟନ ଅନୁଯାୟୀ ଚକୋଲେଟ୍‌ରେ ରହିଛି ଶକ୍ତିବର୍ଦ୍ଧକ ଗୁଣ। ତେଣୁ ଏହି କାରଣରୁ ଚକୋଲେଟ୍‌କୁ ସୁପରଫୁଡ୍ ଭାବେ ଅଭିହିତ କରିବା କଥା। ସୁପରଫୁଡ୍‌ରେ ଏଭଳି ତତ୍ତ୍ୱ ରହିଛି, ଯାହା କୋଷଗୁଡିକୁ ସୁସ୍ଥ ରଖେ। ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ କମ୍ପାଉଣ୍ଡ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି। ସେଣ୍ଟର ଫର୍ ହେଲ୍‌ଥ ଆଣ୍ଡ ନ୍ୟୁଟ୍ରିସନର କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବିକ ଚକୋଲେଟ୍‌ରେ ଅଧିକ ପରିମାଣରେ ଆଣ୍ଟି ଆକ୍ସିଡେଣ୍ଟ ଏବଂ ପିଲିଫେନୋଲ ରହିଛି, ଯାହା ମଣିଷକୁ କ୍ୟାନ୍ସରରୁ ବଞ୍ଚାଇବ। କେମେଷ୍ଟ୍ରି ସେଣ୍ଟ୍ରାଲ ଜର୍ଣ୍ଣାଲର ରିପୋର୍ଟ ମୁତାବକ ବିଶେଷଜ୍ଞମାନେ କୁହନ୍ତି ଡାର୍କ ଚକୋଲେଟ୍ ଏବଂ କୋକୋଆରେ ଫଳ ତୁଳନାରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ ଫ୍ଲେବୋନୋଲର ପରିମାଣ ଅଧିକ ଥାଏ। ଏହି ବିଶେଷଜ୍ଞଙ୍କ ମତରେ ମତରେ ଚକୋଲେଟକୁ ମଧ୍ୟ ସୁପର ଫୁଟ୍ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯିବା ଜରୁରୀ।





# ମଧୁମେହ ରୋଗୀଙ୍କୁ ଚେତାବନୀ: ମୋମୋସ୍ ବଢାଇଥାଏ ସୁଗାର ଲେବଲ୍

ଭାରତର ପ୍ରତ୍ୟେକ ଛକ ଏବଂ ବଜାରରେ ମୋମୋସ୍ ମିଳିଥାଏ। ହେଲେ ଏହା ଦେହ ପାଇଁ ବହୁତ ଖରାପ। ରୋଗୀଙ୍କ ପାଇଁ ବିଷ ଠାରୁ କମ୍ ନୁହେଁ। ବ୍ଲଡ ସୁଗାର ରୋଗୀଙ୍କ ପାଇଁ ମୋମୋସ୍ ବିପଜ୍ଜନକ ଅଟେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ମୋମୋସ୍ ଶୀଘ୍ର ମଧୁମେହ ସୃଷ୍ଟି କରେ ଏବଂ ରୋଗୀକୁ ଗୁରୁତର ଅବସ୍ଥାକୁ ଆଣିପାରେ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ମୋମୋ ମଇଦାରୁ ତିଆରି। ଏଥିରେ ବ୍ୟବହୃତ ପନିପରିବା, ପନିର ଏବଂ ନନ୍ ଭେଜ୍ ସାମଗ୍ରୀର ଗୁଣ ଅତ୍ୟନ୍ତ ଖରାପ ଅଟେ। ବିଶେଷଜ୍ଞମାନେ କହିଛନ୍ତି ଯେ ମୋମୋକୁ ଧଳା ଏବଂ ନରମ କରିବା ପାଇଁ ଏଥିରେ ଅତି କମରେ ୩ ପ୍ରକାରର ରାସାୟନିକ ପଦାର୍ଥ ମିଶା ଯାଇଥାଏ। ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଜଣେ ଡାକ୍ତର କହିଥିଲେ ମୋମୋକୁ ଧଳା ଏବଂ ନରମ କରିବା ପାଇଁ ବ୍ଲିଚ୍, କ୍ଲୋରାଇନ୍ ଏବଂ ବେନୋଜୋଏଲ୍ ପେରକ୍ସାଇଡ୍ ମିଶାଯାଏ। ମଧୁମେହ ରୋଗୀଙ୍କ ପାଇଁ ଏହି ତିନୋଟି ଜିନିଷ ଅତ୍ୟନ୍ତ ବିପଜ୍ଜନକ ଅଟେ। ଏହି ରାସାୟନିକ ପଦାର୍ଥ ଆମ ଶରୀରରେ ଇନସୁଲିନ୍ ଉତ୍ପାଦନକାରୀ କୋଷ ସହିତ ସମନ୍ୱୟ କରେ ନାହିଁ ଏବଂ ସୁଗାର ସ୍ତରକୁ ଟ୍ରିଗର କରିଥାଏ। ସେହି ସମୟରେ, ମନୋସୋଡିୟମ୍ ଗ୍ଲୁଟାମେଟ୍ ପରି ରାସାୟନିକ ପଦାର୍ଥ ମଧ୍ୟ ସୁଗନ୍ଧ ଏବଂ ସ୍ୱାଦକୁ ବଢାଇବା ପାଇଁ ମୋମୋସରେ ବ୍ୟବହୃତ ହୁଏ। ଯାହା ଆମ ପାଚନକ୍ରିୟା ଏବଂ କିଡନୀକୁ କ୍ଷତି ପହଞ୍ଚାଇପାରେ। ଆସନ୍ତୁ ଆପଣଙ୍କୁ କହିବା ଯେ ଏହା ଏକ ରାସାୟନିକ ପଦାର୍ଥ ଯାହା ମଧୁମେହ ଭଳି ଗୁରୁତର ରୋଗର କାରଣ ହୋଇପାରେ। ଏକ ରିପୋର୍ଟ ଅନୁଯାୟୀ, ଯଦି ଟାଇପ୍-୨ ମଧୁମେହ ରୋଗୀ ୩-୪ ସପ୍ତାହ ପର୍ଯ୍ୟନ୍ତ ମୋମୋସ୍ ଖାଏ, ତେବେ ଏହାର କୌଣସି ବିଶେଷ ପ୍ରଭାବ ପଡ଼ିବ ନାହିଁ, କିନ୍ତୁ ପ୍ରତିଦିନ ଅଧିକ ମୋମୋ ଖାଇବା ଦ୍ୱାରା ସୁଗାର ଲେବଲ୍‌କୁ ଶୀଘ୍ର ବଢାଇଥାଏ।



ମଧୁମେହ ରୋଗୀମାନେ ମୋମୋସ୍ ଖାଇଲେ ମଧ ସେମାନେ କେବଳ ଷ୍ଟିମ୍ ମୋମୋସ୍ ଖାଇବା ଉଚିତ୍। ଯଦି ଏହା ଅଟା, ବାଜରା ଇତ୍ୟାଦି ଜିନିଷରେ ତିଆରି ହୁଏ ତେବେ ଏହା ଭଲ। ଏହା ବ୍ୟତୀତ ଯେଉଁ ଲାଲ୍ ଚଟନି ସହିତ ମୋମୋସ୍ ଖିଆଯାଏ ତାହା ମଧ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ଏଥିରେ ଲାଲ୍ ଚିଲି ସହିତ ରଙ୍ଗ ମଧ ବ୍ୟବହାର କରାଯାଏ। ଏହି ଚଟନିରୁ ପାଇଲସ୍ ଏବଂ ପେଟ ସମ୍ବନ୍ଧୀୟ ରୋଗ ସୃଷ୍ଟି ହୋଇଥାଏ। ଯେତେବେଳେ କି ମୋମୋସର ଧଳା ଚଟନିରେ ଭଲ ପରିମାଣର ତେଲ ଥାଏ, ଯାହା ହାର୍ଟ ରୋଗୀଙ୍କ ପାଇଁ ଆଦୌ ଭଲ ନୁହେଁ। ବିଶେଷକରି ମଧୁମେହ ରୋଗୀମାନେ ବାହାରେ ମୋମୋସ୍ ଠାରୁ ଦୂରେଇ ରହିବା ଉଚିତ୍। ସେମାନେ ଘରେ ତାଜା ପନିପରିବାରୁ ପ୍ରସ୍ତୁତ ମୋମୋ ଖାଇବାକୁ ଚେଷ୍ଟା କରିବା ଉଚିତ୍।

# ନେଲ୍ ବ୍ରେସଲେଟ୍

ବିଭିନ୍ନ ରଙ୍ଗର ନେଲ୍ ପଲିସ୍ ଲଗାଇବା, ନଖରେ ସ୍ପ୍ରେ କରିବା, ନେଲ୍ ଆର୍ଟ କରିବା ପରି ଫ୍ୟାଶନ୍ ଏବେ ପୁରୁଣା ହୋଇଗଲାଣି। ଆଜିକାଲି ଟ୍ରେଣ୍ଡରେ ରହିଛି ନେଲ ବ୍ରେସଲେଟ୍। କୋରିଆରେ ଏହା ଖୁବ୍ ଲୋକପ୍ରିୟ ହେଉଛି। ସିଓଲର ୟୁନିଷ୍ଟେଲା ନେଲ୍ ସାଲୋନରେ ଏହାର ବିଭିନ୍ନ ପ୍ରକରର ଡିଜାଇନ୍ ଉପଲବ୍ଧ। ସେ ଅନୁସାରେ ନଖରେ ବିଭିନ୍ନ ପ୍ରକାର ମାଳି, ମଲଟିକଲର ଷ୍ଟୋନ, ରଙ୍ଗୀନ ବଲବ ଲଗାଯାଇ



ତାକୁ ବ୍ରେସଲେଟ୍ ଭଳି ଲୁକ୍ ଦିଆଯାଇଥାଏ। ବିଭିନ୍ନ ପ୍ରକାର ଅବସର ପାଇଁ ଭିନ୍ନ ଭିନ୍ନ ଡିଜାଇନ କରାଯାଇଥାଏ। ବାହାଘର ପରି ସ୍ୱତନ୍ତ୍ର ଉତ୍ସବ ପାଇଁ ସୁନାର ବଲବ ମଧ୍ୟ ବ୍ୟବହୃତ ହୁଏ। ନେଲ୍ ବ୍ରେସଲେଟ ପ୍ରସ୍ତୁତ କରିବା ଲାଗି ପାଖାପାଖି ଦୁଇରୁ ଅଢ଼େଇ ଘ[। ସମୟ ଲାଗିଥାଏ। ବନ୍ଧୁତାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବା ଫ୍ରେଣ୍ଡସିପ୍ ବ୍ରେସଲେଟ ଦ୍ୱାରା ପ୍ରଭାବିତ ହୋଇ ନଖରେ ଏଭଳି ଡିଜାଇନ୍ କରାଯାଉଛି ବୋଲି ଜଣେ ସୌନ୍ଦର୍ଯ୍ୟ ବିଶେଷଜ୍ଞ କହିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜୈବ ପରିବେଶ ଓ ଆଧ୍ୟାତ୍ମିକତା..

ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ବିଶ୍ୱ ମାନବ ସମାଜ 'ବିଜ୍ଞାନ ଓ ଯାନ୍ତ୍ରିକତା'ରେ ଅନେକ ଉନ୍ନତି ସାଧନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ବିକାଶ ପାଇଁ ଏ ସବୁକୁ ବିନିଯୋଗ କଲାବେଳେ ମଣିଷ ନିଜ ବଡ଼ଭାଇ ପଣିଆ ଜାହିର କରିବାକୁ ଯାଇ ଉଦ୍ଭିଦ ଓ ଜୀବଜନ୍ତୁ ଇତ୍ୟାଦିଙ୍କ ଥିବା ତ୍ରିପକ୍ଷୀୟ ପାରିପାର୍ଶ୍ୱିକ ସନ୍ତୁଳନ ବା ସହାବସ୍ଥାନକୁ ନଷ୍ଟ ଭ୍ରଷ୍ଟ କରିଦେଇଛି। ପ୍ରାୟତଃ ସମସ୍ତ ପ୍ରାକୃତିକ ସମ୍ପଦ, ଯାହାସବୁ ପୃଥିବୀକୁ ସମଗ୍ର ସୌର ମଣ୍ଡଳରେ ଏକମାତ୍ର ଜୀବନ୍ତ ଗ୍ରହ ବୋଲି ପରିଚୟ ଦେଉଛି, ତାହା ନିଃଶେଷ ହେବାକୁ ବସିଲାଣି। ଆମକୁ ନିହାତି ଭାବରେ ମନେରଖିବାକୁ ପଡ଼ିବ ଯେ ଆକାଶ, ପବନ, ପକ୍ଷୀ, ପାହାଡ଼ ପର୍ବତ, ଜଙ୍ଗଲ ଏବଂ ସେଠି ବିଚରଣ କରୁଥିବା ଜୀବଜନ୍ତୁ, ସରୀସୃପ, ପୋକ ମାଛି, ମାଛ, ସାମୁଦ୍ରିକ ଜୀବ ଅଥବା ଜଳଜ ଉଦ୍ଭିଦ ଇତ୍ୟାଦି ପ୍ରାକୃତିକ ସର୍ଜନା ସବୁ ଏକ ଅବିଚ୍ଛିନ୍ନ ବନ୍ଧନ ଦ୍ୱାରା ସମ୍ପର୍କିତ ଏବଂ କେହି କାହାକୁ ଛାଡ଼ି ତିଷ୍ଠିବା ଅସମ୍ଭବ। ସାମଗ୍ରିକ ବା ବୈଶ୍ୱିକ ଅର୍ଥରେ ମାନବ ସମାଜ ଏହି ବୃହତ୍ତର ବ୍ୟବସ୍ଥା ବା ଶୃଙ୍ଖଳ ମଧ୍ୟରେ ଗୋଟିଏ ଅଂଶ। ବାୟୁ, ଜଳ ଓ ମାଟି, ଯାହା ଏ ପୃଥିବୀ ନାମକ ଗ୍ରହରେ ଜୀବନର ଆଧାର, ବାସ୍ତବପକ୍ଷେ ତାହା ସବୁ ଏବେ ନିରନ୍ତର ମଣିଷର ଅବିଚାରିତ ଏବଂ ଅହଂପୂର୍ଣ୍ଣ ଉପଯୋଗ ଦ୍ୱାରା ପ୍ରଦୂଷିତ ହୋଇ ସାରିଲାଣି। ଯାହାଫଳରେ ଅନେକ ପ୍ରକାରର ଅଜଣା ରୋଗର ଆବିର୍ଭାବ ହେଉଥିଲା ବେଳେ ବହୁପୂର୍ବରୁ ଲୋପ ପାଇ ଯାଇଥିବା ଜଣାଶୁଣା ରୋଗ ଅଧିକ ସଂକ୍ରାମକ ହୋଇ ଫେରିବାର ଦେଖାଗଲାଣି। ବାୟୁ ପ୍ରଦୂଷଣ ଅଧିକ ହେବା ଯୋଗୁଁ ଶ୍ୱାସନଳୀ ସଂକ୍ରମଣ ତଥା ଅନ୍ୟାନ୍ୟ ଶ୍ୱାସତନ୍ତ୍ର ସମ୍ବନ୍ଧୀୟ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଲାଣି। କୃଷିକର୍ମଣରେ ବହୁଳ ବ୍ୟବହୃତ କୀଟନାଶକ ଔଷଧ ଜୀବଜଗତର ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବହୁ ଜୀବ ଜନ୍ତୁ ତଥା ପକ୍ଷୀମାନଙ୍କର ବିଲୋପର କାରଣ ହୋଇ ସାରିଲାଣି। ଏହାଦ୍ୱାରା ମାଟିର ଉର୍ବରତା ହ୍ରାସ ପାଇ କୃଷି ଉତ୍ପାଦନ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଏହାର ପ୍ରଭାବରେ ଅତିଶୀଘ୍ର ମାନବ ସମାଜ ପାଇଁ ଖାଦ୍ୟ ନିରାପତ୍ତା ବିପନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜୀବ ଜଗତ ତିଷ୍ଠି ରହିବାର ଅନ୍ୟତମ ଆଧାର ଜଳ। କିନ୍ତୁ ମଣିଷର ଅବିଚାରିତ ବ୍ୟବହାର ଦ୍ୱାରା 'ଜଳ ଗହଳେ ସୃଷ୍ଟି ନାଶ' ଅଥବା 'ଜଳ ବହୁନେ ସୃଷ୍ଟି ନାଶ' ଭଳି ଘନ ଘନ ପ୍ରାକୃତିକ ବିପର୍ଯ୍ୟୟର କଳା ବାଦଲ ଢାଙ୍କି ହୋଇ ଗଲାଣି ସମଗ୍ର ମାନବ ସମାଜ ଉପରେ। ବିକାଶ ଆଳରେ ଭୂତଳ ଜଳ ନିଃଶେଷ ହେଉଥିବା ବେଳେ ବର୍ଷାଜଳ ସମୁଦ୍ରକୁ ବହି ଯାଉଛି। ନିଦାଘ ଖରାରେ ବ୍ୟବହାରଯୋଗ୍ୟ ବା କୃଷି କାର୍ଯ୍ୟ ପାଇଁ ଜଳର ଅଭାବରେ ଲୋକମାନେ ଦୁର୍ବିପାକର ସମ୍ମୁଖୀନ ହେଉଥିବା ବେଳେ ପୁଣି ବାଦଲଫଟା ବର୍ଷା ଯୋଗୁଁ ଅଚାନକ ବନ୍ୟା ବା ପ୍ରଚଣ୍ଡ ଭୂସ୍ଖଳନ ଅଗଣିତ ଲୋକଙ୍କର ମୃତ୍ୟୁର କାରଣ ହୋଇ ତଥାକଥିତ ବିକାଶର ଧାରାକୁ ନେଇଯାଉଛି ଅନେକ ବର୍ଷ ପଛକୁ। ଯାହା ପ୍ରତୀୟମାନ ହେଉଛି, ମାନବ ସମାଜ ବିକାଶ ପଛରେ ଧାଇଁବାର ଅତୋଷଣୀୟ ମାନସିକତା ଯୋଗୁଁ ପ୍ରକୃତିର ସ୍ୱାଭାବିକ ଧାରାକୁ ବଦଳାଇବାକୁ ଯାଇ ଜୈବ ଶୃଙ୍ଖଳାରେ ଥିବା ଅନେକ ପ୍ରାକୃତିକ ସର୍ଜନାକୁ ଲୋପ କରି ନିଜ ପାଇଁ ବିପଦକୁ ଆହ୍ୱାନ କରିଚାଲିଛି। ସୁତରାଂ ମାନବ ସଭ୍ୟତାର ସ୍ଥାୟିତ୍ୱ ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ସବୁଠୁଁ ଅଧିକ ବର୍ତ୍ତମାନ ସମୟରେ। ବିକାଶ ପାଇଁ ହେଉଥିବା ଯୋଜନାର ପ୍ରଥମ ପାହାଚରେ ପରିବେଶର ସାଲିସ୍‌ବିହୀନ ସୁରକ୍ଷାକୁ ଧ୍ୟାନ ଦିଆଯିବା ଉଚିତ। ପ୍ରତ୍ୟେକଟି ମଣିଷ ନିଜର ଚିନ୍ତାଧାରା, କାର୍ଯ୍ୟ ଏବଂ ଯୋଜନା ସବୁକୁ ପରିବେଶ ବିଜ୍ଞାନ ଅନୁସାରେ ସଂରଚନା କରିବା ଆବଶ୍ୟକ। ଏହାବ୍ୟତୀତ ଦ୍ୱିତୀୟ ପନ୍ଥା ନାହିଁ। ଅଧିକନ୍ତୁ ବିଶ୍ୱ ତାପନର ଧ୍ୱଂସମୁଖୀ ପ୍ରଭାବର ଆଶଙ୍କା ବୈଜ୍ଞାନିକମାନେ ଅନୁମାନ କରୁଥିବା ସମୟରେ ଯଥେଷ୍ଟ ଆଗରୁ ଏହା ଅନୁଭୂତ ହୋଇ ସାରିଲାଣି। ତିଷ୍ଠି ରହିବାର ସମସ୍ୟା ବର୍ତ୍ତମାନ କହିବାକୁ ଗଲେ ଯେମିତି ସମସ୍ତ ବିଶ୍ୱବାସୀଙ୍କ ଦ୍ୱାରରେ ଉପନୀତ। ସେଥିପାଇଁ ଜନବହୁଳ ଦେଶମାନଙ୍କର ପ୍ରଶାସକ ତଥା ନୀତି ନିର୍ଦ୍ଧାରକମାନେ ଜରୁରିକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ସବୁ ହାତକୁ ନେବା ଆବଶ୍ୟକ। ସେ ଦିଗରେ ଆହ୍ୱାନ ଅବଶ୍ୟ ଅନେକ। ପରିବାର ସହିତ ଅବିଚ୍ଛିନ୍ନ ସମ୍ପର୍କକୁ ବିଚାରକୁ ନେଇ ମାନବ ସଭ୍ୟତାର ବିକାଶକୁ ପୁନର୍ମୂଲ୍ୟାୟନ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିଗତ ସ୍ତରରେ ଆଧ୍ୟାତ୍ମିକ ଜ୍ଞାନର ମୂଳଭିତ୍ତି ଏ ଦିଗରେ ସାହାଯ୍ୟ କରିପାରିବ। ଅଦୃଶ୍ୟ ସ୍ରଷ୍ଟାଙ୍କ ସଂରଚନାରେ ପ୍ରକୃତିର ବିବିଧତା ଯେ ରୂପ ପାଇଛି ଏବଂ ଏକ ଅବିଚ୍ଛିନ୍ନ ବନ୍ଧନ ଦ୍ୱାରା ସମଗ୍ର ଜୀବଜଗତ ତିଷ୍ଠି ରହିଛି, ଏହା ହିଁ ତ ଆଧ୍ୟାତ୍ମିକତାର ସାର ମର୍ମ। ତେଣୁ ମଣିଷର ପାର୍ଥିବ ଓ ଆତ୍ମିକସ୍ତର ମଧ୍ୟରେ ସନ୍ତୁଳନ ସେହି ଆଧ୍ୟାତ୍ମିକତା ଦ୍ୱାରା ହିଁ ସମ୍ଭବ। ବିକାଶକୁ ଗୁରୁତ୍ୱ ଦେବାରେ ଅସୁବିଧା କିଛି ନାହିଁ, କିନ୍ତୁ ମାନସିକ ସ୍ତରରେ ସେ ସମ୍ବନ୍ଧୀୟ ଲକ୍ଷ୍ମଣରେଖା ଟଣା ନ ହୋଇ ପାରିଲେ ସମଗ୍ର ମାନବ ସମାଜ ଯେ ବିବର୍ତ୍ତନର ବିପତ୍ତିରେ କ୍ରମଶଃ ନିଃଶେଷ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ଆମେ ପରିବେଶ ସନ୍ତୁଳନର କଥା ଭାବି ପାରିବା ନାହିଁ, ଯଦି ଆମର ମାନସିକ ବିଚାରକୁ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ସଠିକ ରୂପ ଦେଇ 'ବସୁଧୈବ କୁଟୁମ୍ବକମ୍' ନୀତିକୁ କେବଳ ମାନବ ସମାଜ ମଧ୍ୟରେ ସୀମିତ ନ କରି ସମ୍ପୂର୍ଣ୍ଣ ଜୀବ ଜଗତ ପ୍ରତି ସମ୍ପ୍ରସାରିତ ନ କରିପାରିଛେ। ଚଳିତ ସମୟରେ ବିଶ୍ୱ ପାଇଁ ଏହା ସବୁଠାରୁ ବଡ଼ ଆହ୍ୱାନ।

# ସେବିର ନିଷ୍ପତ୍ତିରେ ନିବେଶକଙ୍କ କ୍ଷତି ଭରଣା ହେବ କି?



**ଗୋପାଳ ମହାପାତ୍ର**

ଶେୟାର ଏବଂ ପୁଞ୍ଜି ବଜାରର ଆକାର ବଢ଼ିବାରେ ଲାଗିଛି। ଏଥି ସହ ଜରୁରୀ ହୋଇପଡିଛି ଯେ କେମିତି ନିବେଶକଙ୍କ ସ୍ୱାର୍ଥକୁ ରକ୍ଷା କରାଯାଇ ପାରିବ। ଏଥିପାଇଁ ଏକ ମଜଭୁତ ସୁରକ୍ଷା ତନ୍ତ୍ରର ବିକଶିତ କରା ଯିବା ଆବଶ୍ୟକ ଯାହା ଫଳରେ କମ୍ପାନୀ, ବ୍ରୋକର (ଦଲାଲ) ଏବଂ ସାଧାରଣ ନିବେଶକଙ୍କ ପୁଞ୍ଜି ବା ଅର୍ଥ ସହ କୌଣସି ଧୋକା ହୋଇନପାରିବ। ଗତ ଅଗଷ୍ଟ ୨୪ ତାରିଖ ଦିନ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ସେବି) ପକ୍ଷରୁ ଉଦ୍ୟୋଗପତି ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ କଡ଼ା ନିଷ୍ପତ୍ତି ନିଆଯାଇଛି। ମାର୍କେଟ ରେଗୁଲେଟର ସେବି ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ ଯେଉଁ ପଦକ୍ଷେପ ନେଇଛି ତାହା ଉଦ୍ୟୋଗପତି ମାନଙ୍କ ପାଇଁ କଡା ସନ୍ଦେଶ ବୋଲି କୁହାଯାଇଛି। ଅନୀଲ ଅମ୍ବାନୀଙ୍କ ଉପରେ ସେବି ୨୫ କୋଟି ଟଙ୍କାର ଜୋରିମାନା ଲଗାଇଛି ଓ ଆସନ୍ତା ୫ବର୍ଷ ପାଇଁ ସେ ଶେୟାର ବଜାରର କୌଣସି କାର୍ଯ୍ୟ କଳାପରେ ଭାଗ ନେଇ ପାରିବେ ନାହିଁ ବୋଲି କୁହାଯାଇଛି। କେବଳ ଅନୀଲଙ୍କ ରିଲାଏନ୍ସ ହୋମ ଫାଇନାନ୍ସ (ଆର ଏଚ ଏଫ ଏଲ୍) କମ୍ପାନୀ ୮୮୦୦ କୋଟି ଟଙ୍କାର ଡାଇଭର୍ସନ କରିଛି ବୋଲି ଅଭିଯୋଗ ହୋଇଛି। ଏହାର ଅର୍ଥ ହେଉଛି ନିବେଶକଙ୍କ ୮୮୦୦କୋଟି ଟଙ୍କା ଭିନ୍ନ ବାଟରେ ନିବେଶ କରାଯାଇଛି। ଅନ୍ୟ ପକ୍ଷରେ ଏହାକୁ ଏକ ବଡ଼ କର୍ପୋରେଟ ଠକେଇ ବୋଲି କୁହାଯାଇ ପାରେ। ଏଥି ପାଇଁ ଆରଏଚଏଫଏଲକୁ ଆସନ୍ତା ୬ମାସ ପାଇଁ ଶେୟାର ବଜାରରୁ ବାହାର କରିଦିଆଯାଇଛି ଓ ୬ଲକ୍ଷ ଟଙ୍କାର ଜୋରିମାନା କରାଯାଇଛି। ଏହି ଠକେଇରେ ଶାମିଲ ଅମିତ ବାପନା ଉପରେ ୨୭ କୋଟିଟଙ୍କା, ରବିନ୍ଦ୍ର ସୁଧାଲକର ଉପରେ ୨୬ କୋଟି ଏବଂ ପିକେ ଆର ଶାହା ଉପରେ ୨୧ କୋଟି ଟଙ୍କାର ଜୋରିମାନା ଲଗାଯାଇଛି। ଏମାନେ ଅନୀଲଙ୍କ ଆର,ଏଚ.ଏଫ ଏଲର ମ୍ୟାନେଜମେଣ୍ଟ ସହ ଜଡିତ ବରିଷ୍ଠ ଅଧିକାରୀ ଅଟନ୍ତି।

ସେବି ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତି ଉପରେ ଅନୀଲ ଅମ୍ବାନୀଙ୍କ କମ୍ପାନୀ ମାନଙ୍କର ଶେୟାର (ଅଂଶଧନ) ମୂଲ୍ୟ ହ୍ରାସ ପାଇଥିଲା। ଏହି କାରଣରୁ ଅନୀଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇନଫ୍ରା, ରିଲାଏନ୍ସ ହୋମ ଫାଇନାନ୍ସ ଏବଂ ରିଲାଏନ୍ସ ପାୱାର ଶେୟାର କ୍ରମଶଃ ୧୪ ପ୍ରତିଶତ, ୫.୧୨ ପ୍ରତିଶତ ଏବଂ ୫.୦୧ ହ୍ରାସ ପାଇଛି। ଏ ସବୁକୁ ଦେଖିବା ପରେ ଲାଗୁଛି ଯେ ସତେ ଯେମିତି ସେବି ଏକ ବଡ଼ ପଦକ୍ଷେପ ନେଇଛି। କିନ୍ତୁ ଏଘଟଣାକୁ ନିରେଖି ଆଉ ଏକ କଥା ସ୍ପଷ୍ଟ ଯେ ଯେଉଁ ପୁଞ୍ଜିନିବେଶକଙ୍କ ଅର୍ଥକୁ ଡାଇଭରସନ କରାଯାଇଛି ସେମାନଙ୍କର କ୍ଷତିକୁ ଭରଣା କରିବା ପାଇଁ ସେବି କିଛି ପଦକ୍ଷେପ ନେଇ ନାହାଁନ୍ତି। ସେବି ପୁରାପୁରି ଠକାମିର ଶୀକାର ହୋଇଥିବା ପୁଞ୍ଜି ନିବେଶକଙ୍କ କଥାକୁ ଅଣଦେଖା କରିଛି। ସେବିର ନିଷ୍ପତ୍ତିରେ ସାଧାରଣ ନିବେଶକ ମାନଙ୍କର କ'ଣ ଲାଭ ହୋଇଛି ଯେଉଁ ମାନଙ୍କର ସୁରକ୍ଷା ପାଇଁ ସେବି ଭଳି ସଂସ୍ଥା ଗଠନ କରାଯାଇଛି। ଯେତେବେଳେ ଆମେ ସେବିର ନିଷ୍ପତ୍ତିକୁ ନେଇ ଖୁସି ହେଉଛେ ସେତେବେଳେ ଆମର ବୁନିଆଦୀ କଥାକୁ ଜରୁର ବିଚାର କରାଯିବା ଉଚିତ୍ ଯେ ଯେଉଁମାନେ ସର୍ବାଧିକ ପିଡୀତ ସେମାନଙ୍କର କ'ଣ ହୋଇଛି?

ଆରଏଚଏଫଏଲ ରେ ପୁଞ୍ଜିନିବେଶ କରିବଥିବା ନିବେଶକ ମାନଙ୍କର ୮୮୦୦ କୋଟି ଟଙ୍କାର କ୍ଷତି ହୋଇଛି,ଯେଉଁମାନେ ଶେୟାର ବଜାରରେ ଏକ ବଡ଼ କର୍ପୋରେଟ ହାଉସ ଉପରେ ଭରଷାକରି ପୁଞ୍ଜିନିବେଶ କରିଥିଲେ। ସେମାନଙ୍କର ଭରଷା ଥିଲା ଯେ ଯଦି କିଛି ଭୁଲ ଭଟକା ହୁଏ ତେବେ ସେଥିପାଇଁ ସେବି ରହିଛି। କିନ୍ତୁ ସେବି ତ ଅନୀଲ ଅମ୍ବାନୀଙ୍କ ପ୍ରସଙ୍ଗରେ ଜାଣି ପାରିନଥିଲା। କିମ୍ବା ଜାଣିବା ପରେ ତଥାକଥିତ ନିଷ୍ପତ୍ତି ନେବା ବେଳେ ଲକ୍ଷ ଲକ୍ଷ ନିବେଶକଙ୍କର ତିଳେମାତ୍ର ଲାଭ କରି ପାରିନଥିଲା ଏକଥା ଠିକ୍ ଯେ ଆସନ୍ତା ୫ବର୍ଷ ପାଇଁ ଅନୀଲ ଅମ୍ବାନୀ ଶେୟାର ବଜାରର ଗତିବିଧିରେ ଭାଗ ନେଇ ପାରିବେନି ଓ ତାଙ୍କ ଉପରେ ୨୫ କୋଟି ଟଙ୍କାର ଜୋରିମାନା ଲଗାଯାଇଛି କିନ୍ତୁ ଏହାଦ୍ୱାରା ପୁଞ୍ଜି ନିବେଶକ ମାନଙ୍କର କ'ଣ ଲାଭ ହେବ? ନିବେଶକ ମାନେ ପୁଞ୍ଜି ହରାଇବସିଲେ। ଆରଏଚଏଫଏଲ୍ ଡୁବିଯିବା ପରେ କେତେଜଣ ନିବେଶକଙ୍କର କେତେ ପରିମାଣରେ ପୁଞ୍ଜି ଡୁବିଯାଇଛି ଏ ବାବଦରେ କୌଣସି ସଠିକ୍ ତଥ୍ୟ ଏବେବି ମିଳୁନାହିଁ। କିନ୍ତୁ ଯେତେବେଳେ କୌଣସି କମ୍ପାନୀର ସେୟାର ମୂଲ୍ୟ ହ୍ରାସ ପାଏ ସେତେବେଳେ କମ୍ପାନୀରେ ପୁଞ୍ଜିନିବେଶ କରିଥିବା ୨୦ ରୁ ୨୫ ପ୍ରତିଶତ ପୁରାପୁରି ବରବାଦ ହୋଇଯାଇଥାନ୍ତି। ଏଣୁ ଆରଏଚଏଫଏଲରେ ନିବେଶ କରିଥିବା ୯ଲକ୍ଷ ନିବେଶକଙ୍କ ମଧ୍ୟରୁ ନିହାତି ଦୁଇରୁ ଅଢ଼େଇ ଲକ୍ଷ ନିବେଶକଙ୍କର ନିଶ୍ଚିତ ଭାବେ ଅଣ୍ଟାଭାଙ୍ଗିଯାଇଥିବ। କିନ୍ତୁ ଅନୀଲ ଅମ୍ବାନୀଙ୍କ ଏହି ଠକେଇ ବା ଭୟାବହ କର୍ପୋରେଟ ଠକାମୀର ପଦାଫାଶ ପରେ କେତେ ପୁଞ୍ଜିନିବେଶକ ରାଜରାସ୍ତାକୁ ଆସିଛନ୍ତି ସେକଥା ଆଗାମୀ ଦିନରେ ଜଣାପଡିବ ନିଶ୍ଚୟ।

ସେବି ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ ପଦକ୍ଷେପ ନେଇଛି କିନ୍ତୁ ପୁଞ୍ଜିନିବେଶକ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେବିର ନିଷ୍ପତ୍ତି ଯୋଗୁଁ ଯେତେବେଳେ ଲାଭବାନ ହେଉନାହାଁନ୍ତି ତେଣୁ ସେବି ନିଷ୍ପତ୍ତିର କ'ଣ ଅର୍ଥ ରହିଛି? ଅନୀଲ ଅମ୍ବାନୀଙ୍କ ନିଜସ୍ୱ ସମ୍ପତ୍ତି ଏବେବି ୮ହଜାର କୋଟି ଟଙ୍କାରୁ କମ୍ ନୁହେଁ। ଯଦି ପ୍ରକୃତରେ ସେବି ନିବେଶକଙ୍କ ପୀଡ଼ା ବୁଝିପାରୁଛି ତେବେ ଏମିତି କିଛି ବ୍ୟବସ୍ଥା କରିଥାନ୍ତି ଯାହା ଫଳରେ ଏଇ ଗୁରୁତର କର୍ପୋରେଟ ଠକେଇରେ ନିଜର କଷ୍ଟଲବ୍ଧ ଧନ ହରାଇଥିବା ଲୋକଙ୍କ ପାଇଁ ପଦକ୍ଷେପ ନେଇଥାନ୍ତା ନିଶ୍ଚୟ ଫଳତଃ ଠକେଇ କରିଥିବା ଲୋକଙ୍କୁ ଉଚିତ୍ ଶିକ୍ଷା ମିଳିଥାନ୍ତା। ଏବେ ସେବି ଯେଉଁ ୨୫ କୋଟି ଟଙ୍କାରେ ଜୋରିମାନା ଲଗାଇଛି ସେଇ ଟଙ୍କା ଅସୁଲ ହେଲେ ସେଥିରେ କ'ଣ ହେବ? ସେଇ ୨୫ କୋଟି ଟଙ୍କାରେ ନିବେଶକଙ୍କ କ୍ଷତି ଭରଣା ହୋଇପାରିବ କି? ଏବେ ଅନୀଲ ଅମ୍ବାନୀଙ୍କ ନିଜସ୍ୱ ସମ୍ପତ୍ତିକୁ ବିକ୍ରୀ କଲେ ମଧ ନିବେଶକଙ୍କ କ୍ଷତି ଭରଣା କରାଯାଇ ପାରିବ ନାହିଁ। ଅନୀଲ ଅମ୍ବାନୀଙ୍କ ଠକେଇ ବାବଦରେ ଜଣାପଡିବା ପରେ ଆରଏଚଏଫଏଲର ଶେୟାରର ମୂଲ୍ୟ ୬୦ଟଙ୍କାରୁ ହ୍ରାସ ପାଇଁ ମାତ୍ର ୭୫ ପଇସାରେ ପହଞ୍ଚିଛି। ମୋଟାମୋଟି ଭାବେ କହିବାକୁ ଗଲେ ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ ସେବି ଯେଉଁ ନିଷ୍ପତ୍ତି ନେଇଛି ତାକୁ ଗଣମାଧ୍ୟମ ଯେତେ ପ୍ରଶଂସା କରୁନା କାହିଁକି ନିବେଶକ ମାନଙ୍କ କ୍ଷତି ଭରଣା ହେବ କେମିତି ସେ ପ୍ରସଙ୍ଗରେ ଏବେ ସେବି ଓ ସରକାର ଚିନ୍ତା କରିବା ଆବଶ୍ୟକ। ଅନ୍ୟଥା ସାଧାରଣ ଲୋକଙ୍କର ଶେୟାର ବଜାର ଉପରତ ବିଶ୍ୱାସ ତୁଟିଯିବ।

+ରାମଚନ୍ଦ୍ରପୁର
ରଣପୁର
ମୋ : ୯୪୩୮୪୮୫୦୯୪

# ଗୁରୁ, ସାମ୍ପ୍ରଦାୟିକତା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମର ଏକାନ୍ତ ଗନ୍ତବ୍ୟ ହେଲା - ଈଶ୍ୱରପ୍ରାପ୍ତି, ଧାରଣ-ପାଳନ-ସମ୍ବେଗ-ସିଦ୍ଧ ବ୍ୟକ୍ତିତ୍ୱ, ତାର ଉପାୟ ହେଉଛି ଆଚାର୍ଯ୍ୟଙ୍କ ଠାରେ ସକ୍ରିୟ ଅନୁରତି, ତା'ଠାରୁ ଆସେ - ଆତ୍ମନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ସମାଜ ନିୟନ୍ତ୍ରଣ ଓ ରାଷ୍ଟ୍ର ନିୟନ୍ତ୍ରଣ । ଆଉ ଏଇ ରାଷ୍ଟ୍ର ନିୟନ୍ତ୍ରଣର ଭିତର ଦେଇ ସାରା ବିଶ୍ୱର ସଙ୍ଗେ ଯୋଗସୂତ୍ର ରଚନା କରି ସବୁଟାକୁ ନେଇ ବିବର୍ଦ୍ଧନର ଦିଗରେ ଆଗେଇ ଚାଲିବା । ଆଉ ଏଇ ସବୁଗୁଡ଼ିକୁ ସାର୍ଥକ କରି ତୋଳିବା ଈଶ୍ୱରଙ୍କ ଠାରେ, ଆଉ ପ୍ରାପ୍ତିର ପରମ ବେଦନା ଏହା । ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥା ପ୍ରସଙ୍ଗରେ କହିଲେ - ଯାହା ବି କରିବାକୁ ଯାଅ, ମୂଳରେ ଥିବା ଦରକାର ଗୁରୁଭକ୍ତି । ତହିଁରେ ପ୍ରବୃତ୍ତି କବ୍‌ଜାରେ ଥାଏ, ସେବାବୃତ୍ତି ପ୍ରଖର ହୋଇଉଠେ, ଏବଂ କାର୍ଯ୍ୟଟା ନିଖୁଣ ହୁଏ । ଏହି ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ ବୋଲି କୁହାଯାଏ । ଇଷ୍ଟମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ହିଁ ମଣିଷର ମଙ୍ଗଳ ଆସେ । ଆଉ ଏଇ ଅନୁସରଣର ପନ୍ଥା ହିଁ ହେଉଛି ଯଜନ, ଯାଜନ ଓ ଇଷ୍ଟଭୃତି। ଇଷ୍ଟ ହେଲେ ଗୁରୁ, ସଦ୍‌ଗୁରୁ ଓ ଆଚାର୍ଯ୍ୟ, ଯିଏ ଆଚରଣ କରି ଜାଣିଛନ୍ତି । ତାହା ନକରି ଯାହାଙ୍କୁ ତାହାଙ୍କୁ ଗୁରୁ କହିଲେ ହୁଏନାହିଁ । ଗୁରୁ ଗ୍ରହଣ କରିବାର ପ୍ରଥା ଆମ୍ଭମାନଙ୍କର ଅଛି । ଏହି ପ୍ରଥା ବର୍ତ୍ତମାନ କୁଳଗୁରୁ ଗ୍ରହଣର ଭିତର ଦେଇ ଚାଲିଛି। କିନ୍ତୁ କୁଳଗୁରୁଙ୍କ ପାଖରୁ ଦୀକ୍ଷାଟା ଶେଷ ନୁହେଁ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ଏକାନ୍ତ ଆବଶ୍ୟକ। ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟଗ୍ରହଣ। ଏହି ଆଚାର୍ଯ୍ୟ ହେଲେ ଲିଭିଙ୍ଗ ଟିଚର୍ ବା ଜୀବନ୍ତ ଦିଶାରୀ । ସେ ହେଲେ ମୂର୍ତ୍ତ ନିଷ୍ଠା, ତାଙ୍କ ପ୍ରତି ଯଦି ନିଷ୍ଠା ଓ ଆନୁଗତ୍ୟ ନଥାଏ, ତେବେ ତୁମେ ନିଜର ସମସ୍ତ ବୃଦ୍ଧି ପ୍ରୟୋଗ କରି ମଧ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚିପାରିବ ନାହିଁ । ଅବତାର, ସଦ୍‌ଗୁରୁ ବା ମହାପୁରୁଷ ମାନେ କ'ଣ? ଉତ୍ତରରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଅବତାରମାନେ ସଦ୍‌ଗୁରୁ, ଯିଏ ପ୍ରବୃତ୍ତି - ପରାୟଣତାର ଉର୍ଦ୍ଧ୍ୱ ଲୋକରୁ ଆସନ୍ତି ଏବଂ ବଞ୍ଚିବା - ବଢ଼ିବାର ବିଧି ଜଣାଇଦିଅନ୍ତି । ମହାପୁରୁଷମାନେ ମହାପୂରଣକାରୀ । ସଦ୍‌ଗୁରୁଙ୍କର ଲକ୍ଷଣ ହେଲା - ତାଙ୍କର ବହିଃ ପ୍ରକାଶରେ ଏହା ଦେଖାଯାଏ, ସେ ଅଚ୍ୟୁତ ଅନୁରାଗ - ସମ୍ପନ୍ନ, ଜାକଜମକରେ ମଧ ବି ସରଳ, ସ୍ୱାଭାବିକ ଭାବେ ସ୍ୱାଭାବିକ ଓ ମହାଜ୍ଞାନୀ ହୋଇ ମଧ ସହଜ ଓ ନିରାଡ଼ମ୍ବର। ଜୀବନରେ ଗୁରୁ ନ ରହିଲେ ମଣିଷର ସମତା ଠିକ୍ ରହେନି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଗୁରୁମାନେ ହିଁ ସଦ୍‌ଗୁରୁ - ଆଚାର୍ଯ୍ୟ । ସଦ୍‌ଗୁରୁ ବା ଗୁରୁ - ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତି - ବିଗ୍ରହ, ସେ ହିଁ ରୂପାୟିତ ଈଶ୍ୱର - ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି-ବୃଦ୍ଧିର ପରମ ଅମୃତପଥ । ଦୁନିଆରେ ଯେତେ ଦ୍ୱନ୍ଦ ମଧ୍ୟରେ ଅନ୍ୱୟୀ ସାର୍ଥକତାର ସାର-କେନ୍ଦ୍ର ସେ ହିଁ । ତାଙ୍କୁ ଭଲ ପାଏ, ତାଙ୍କ ଇଚ୍ଛା ପରିପୂରଣ କରେ, ତଦନୁଗ ଆତ୍ମନିୟନ୍ତ୍ରଣରେ, ତାଙ୍କର ସଙ୍ଗ, ସାହଚର୍ଯ୍ୟ ଓ ସେବା ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭ କରି ଧନ୍ୟ ହୁଏ।

ତେବେ ପ୍ରଶ୍ନ ଉଠେ - ସବୁ ଅବତାର ଓ ଗୁରୁ - ପୁରୁଷୋତ୍ତମ କ'ଣ ସମାନ ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସକଳ ହିଁ ପୂର୍ଣ୍ଣ, ସମସ୍ତେ ବରିଷ୍ଠ, ବଡ଼ କଥାର ମଧ୍ୟରେ ରହିଛି ପରିପୂରଣ । ଯେତେବେଳେ ଯେପରି ପ୍ରୟୋଜନ, ସେତେବେଳେ ସେପରି ଆବିର୍ଭାବ - ଯୁଗ ପ୍ରୟୋଜନ ପରିପୂରଣ ପାଇଁ । ଯୁଗେ - ଯୁଗେ ସେଇ ଜଣେ ହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧ୍ୟରେ ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତ । ବିବର୍ତ୍ତନର ଧାରା ଏଇ ଭାବରେ ଆଗେଇ ଚାଲିଛି । ତେଣୁ ଜଣଙ୍କୁ ଛୋଟ କରି ଆଉ ଜଣଙ୍କୁ ବଡ଼ କରିବାର ପ୍ରଚେଷ୍ଟା ଭଲ ନୁହେଁ । ଶ୍ରୀକୃଷ୍ଣଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କୁ ଦେଖେନି - ବୁଦ୍ଧଦେବଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଖୋଜି ଦେଖେନି - ଏହା ହିଁ ଦୋଷ । ବର୍ତ୍ତମାନ ମଧ୍ୟରେ ପୂର୍ବତନଙ୍କୁ ଖୋଜି ଦେଖିବାର ବୁଦ୍ଧି ଯଦି ଆମ୍ଭମାନଙ୍କର ଥାଏ, ତା'ହେଲେ ବର୍ତ୍ତମାନଙ୍କ ମଧ୍ୟରେ ପୂର୍ବତନ ପ୍ରତ୍ୟେକଙ୍କୁ ଆମେ ପାଇପାରିବା ଏବଂ ତାଙ୍କୁ କେନ୍ଦ୍ର କରି ସମଗ୍ର ମାନବ-ସମାଜ ଐକ୍ୟବଦ୍ଧ ହୋଇ ଉଠିପାରିବ - ପ୍ରତ୍ୟେକ ସ୍ୱ-ସ୍ୱ ବୈଶିଷ୍ଟ୍ୟରେ ଅକ୍ଷୁର୍ଣ୍ଣ ଥାଇ । ସ ପୂର୍ବେଷାମପି ଗୁରୁଃ କାଲୋନାନବଚ୍ଛେଦାତ୍, ଆପଣଙ୍କ ମଧ୍ୟରେ ଆପଣଙ୍କ ବାପା ଅଛନ୍ତି, ଜେଜେବାପା ଅଛନ୍ତି - ସେଇମାନଙ୍କ ହିଁ ବିବର୍ତ୍ତିତ ରୂପ ଆପଣ । ପରବର୍ତ୍ତୀ ମଧ ସେହିପରି ପୂର୍ବବର୍ତ୍ତୀର ବିବର୍ତ୍ତିତ ରୂପ । ଆଜିକାର ଦିନରେ ତେଣୁ ପୂର୍ବବର୍ତ୍ତୀ କୌଣସି ଅବତାର - ମହାପୁରୁଷଙ୍କୁ ଯଦି ବୁଝିବାକୁ ଚାହୁଁ ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥାଆନ୍ତି, ତାଙ୍କ ମଧ ଦେଇ ହିଁ ବୁଝିପାରିବା, ନଚେତ୍ ତାଙ୍କ ମର୍ମ କେନ୍ଦ୍ରର ସନ୍ଧାନ ପାଇବାନାହିଁ । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, ମୁଁ ହିଁ ଆଲୋକ, ମୁଁ ହିଁ ପଥ, ମୋତେ ବାଦ ଦେଇ ପିତାଙ୍କ ପାଖକୁ କେହି ଯାଇପାରିବେ ନାହିଁ। ଜଣେ ପ୍ରଶ୍ନ କରିଲେ - ଗୁରୁଙ୍କୁ ନେଇ ଆମର ଚଳିବା ଦରକାର କ'ଣ ଏବଂ ଗୁରୁ କ'ଣ ଆମକୁ ସ୍ୱୟଂସମ୍ପୂର୍ଣ୍ଣ କରି ତୋଳି ପାରିବେ ? ଯୁଗପୁରୁଷୋତ୍ତମ କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ କଣ୍ଠରେ କହିଲେ - ଗୁରୁଙ୍କ ଉପରେ ଯଦି ଆମର ନିଷ୍ଠା ଥାଏ ଓ ତାଙ୍କର ନିର୍ଦ୍ଦେଶଗୁଡ଼ିକ ଯଦି ଠିକ୍ ଠିକ୍ କାର୍ଯ୍ୟରେ ଫୁଟେଇ ତୋଳୁ, ତାହେଲେ ଏହା ଭିତର ଦେଇ ଆମର ଅଭିଜ୍ଞତା ବଢ଼େ, ଆମେ ଶିକ୍ଷିତ ହୋଇ ଉଠୁ । ଜୀବନର ଆରମ୍ଭରେ, ମଧ୍ୟରେ ଓ ଶେଷରେ ସବୁ ଅବସ୍ଥାରେ ଯାହା ଦରକାର ତାହା ହେଉଛି ଏହି ଇଷ୍ଟପ୍ରାଣତା । ମଣିଷ ଜୀବନ୍ତ ଆଦର୍ଶ ବା ଇଷ୍ଟଙ୍କ ସହିତ ଯୁକ୍ତ ହେଲେ ପ୍ରଜ୍ଞାବାନ, ମଧୁର, ଗମ୍ଭୀର ଓ ଶକ୍ତିମାନ ହୁଏ । ତାର ପ୍ରବୃତ୍ତିଗୁଡ଼ିକ ମଧ ଏଇ ଇଷ୍ଟଙ୍କର ହିଁ ସେବା କରେ । ଇଷ୍ଟ ହେଉଛନ୍ତି ଚିର ମଙ୍ଗଳମୟ, ତେଣୁ ପ୍ରବୃତ୍ତିଗୁଡ଼ିକ ମଧ ସେତେବେଳେ ନିଜର ଓ ପରର ମଙ୍ଗଳ ଆବାହନ କରେ, ପ୍ରବୃତ୍ତି ଗୁଡ଼ିକ ସେତେବେଳେ ହୁଅନ୍ତି ଧର୍ମର ବାହନ, ରିପୁ ହୋଇ ରହନ୍ତିନାହିଁ। ଆଉ ତାକୁ ଦମନ କରିବାକୁ କସରତ ମଧ କରିବାକୁ ପଡ଼େନି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ - 'ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ, ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋସି ମେ' ଅର୍ଥାତ୍ ହେ ଅର୍ଜୁନ ! ତୁମେ ମୋ ଠାରେ ମନ ଲଗାଅ, ମୋର ଭକ୍ତ ହୋଇଯାଅ, ମୋର ଯାଜନ କର, ମୋତେ ନମସ୍କାର କର, ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ, ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ।

ସେହିପରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ୍ ପାଇଁ ଭାବିବାକୁ ହେବ ନାହିଁ । ଏ ପ୍ରକାର ଅଭୟବାଣୀ କେବଳ ଈଶ୍ୱର ବା ପରମପିତା ହିଁ ଦେଇପାରିବେ । ଜନୈକ ବ୍ୟକ୍ତି କହିଲେ - ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ତାର ଅର୍ଥ ସେ ଜୀବନ ହିଁ ଚାହେଁନା । ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗୀ ହୋଇ ଚଳିବା । ସତ୍‌ଦୀକ୍ଷା ନେବାକୁ ଆପତ୍ତି ଥାଏ ସେତେବେଳେ ହିଁ ଯେତେବେଳେ ଆମେ ପ୍ରବୃତ୍ତିର ଅନୁଚର ହେଉ । ଅମୃତରେ ଅରୁଚି ହୁଏ ସେତେବେଳେ ହିଁ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସବୁର ମୂଳରେ ହେଲା ଇଷ୍ଟ ନିଷ୍ଠା । ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ଭାବୁଛ ମନରେ ସବୁ ହେଲା, ତା ତ ନୁହେଁ, ତା' ତ ନୁହେଁ ହିଁ, ନିଷ୍ଠା ସହ ଯଦି ନ ପାଳ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ପରେ ହିଁ ଦ୍ୱିତୀୟ ଜୀବନ ଆରମ୍ଭ ହୁଏ । ଜନ୍ମ ଜନ୍ମାନ୍ତରର ଜମି ରହିଥିବା ପାପ ଓ ମଇଳା ସେଇ ଗୁରୁଙ୍କ ପ୍ରଦତ୍ତ ସତ୍‌ନାମ ମନନରେ ସଫା ହେବା ଆରମ୍ଭ ହୁଏ ଏବଂ କେତେ ଜନ୍ମ ମଧ ଲାଗିପାରେ । ସେ ସତ୍‌ନାମ ବା ଆଦିନାମର ସ୍ୱତଃ ପ୍ରକ୍ରିୟା ଯୋଗୁଁ ଧୀରେ ଧୀରେ ପ୍ରପବୃତ୍ତି ଗୁଡ଼ିକରେ ସାମଞ୍ଜସ୍ୟ ହୋଇ ସତ୍ତାକୁ ବିବର୍ଦ୍ଧନ ଦିଗରେ ଆଗେଇ ନେଇ ଜୀବନକୁ ନିଶ୍ଚୟ ମଧୁମୟ କରି ତୋଳିବ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## କବିତା କୋଣାର୍କ

### ତମ ମିଠା ପଣ ନେଇ

**କୀର୍ତ୍ତନ ସାହୁ**



ମୁଁ ଗଢିଛି ଅତି ଛୋଟ ଘର ଟିଏ
ସ୍ନେହ ଶ୍ରଦ୍ଧା ପ୍ରୀତି ଦେଇ
ଚାରି ପଟେ ତାର ଘୂରି ବୁଲୁ ଅଛି
ମଝିରେ ତମକୁ ଥୋଇ ।

ଚମ୍ପା ଫୁଲ ପରି ମହକି ଉଠୁଛି
ମୋର ଏଇ ଟିକି ଘର
ତମ ସାଥେ କଥା ହେଲା ବେଳେ
ଲାଗେ
ସତେକି ମଧୁର ଝର
ହଜିଲା ଦିନର କଥା ଛାତି ଛୁଏଁ
ତମକୁ ପାଖରେ ପାଇ
ମୁଁ ଗଢିଛି ଅତି ଛୋଟ ... ।

ଯୋଉଠି ବି ଥାଅ ଯେମିତି ବି ଥାଅ
ଏଇମିତି ଆସୁ ଥାଅ
ତମ ହୃଦ ସ୍ମୃତି ପରଦାରେ ସଦା
ରହି ଥାଉ ହୋଇ ଖିଅ
ବରଷା ଦିନେ ବି ଜହ୍ନ ରାତି ଆସୁ
ତମ ମିଠା ପଣ ନେଇ
ମୁଁ ଗଢିଛି ଅତି ଛୋଟ ...।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ସମୟ ସହିତ ସମାନ ଗତି

**ନିରଞ୍ଜନ ସାହୁ**



ସମୟ ସହିତ ତାଳ ଦେଇ ଯିଏ
ଚାଲି ନ ପାରିଲା ବାଟ
ସମାଲୋଚନାର ଶରବ୍ୟ ହୋଇବ
ତା ନାମେ ବସିବ ହାଟ ।

ସମସ୍ତେ ସମାନ ଭାଗ୍ୟ ନେଇକରି
ଆସି ନ ଥାଆନ୍ତି ଏଠି
କାହାର ଭାଗ୍ୟରେ ରାଜସୁଖ ମିଳେ
କିଏ ଖଟୁଥାଏ ବେଠି
ଭାଗ୍ୟ ଯେଉଁପରି ଯାହାକୁ ନଚାଏ
ସେ କରେ ସେପରି ନାଟ ।

ଭାଗ୍ୟକୁ ଜିତିବା କାଠିକର ପାଠ
ଭାଗ୍ୟକୁ ଜିତେ ବା କିଏ
ଭାଗ୍ୟ ବଳେ ଯଦି କିଏ ଜିତିଗଲା
ସିଏ ବାହାଦୁରୀ ନିଏ
ହାରିଗଲା ଯିଏ ନିନ୍ଦା ଶୁଣେ ସିଏ
ବାଜେ ସମାଜର ଛାଟ ।

ଯିଏ ଜିତିଯାଏ ସେ କହେ ଏହା ହିଁ
ମୋର ପରିଶ୍ରମ ଫଳ
ହାରିଗଲା ଯିଏ ମୁହଁହାଣି କହେ
ନାହିଁ ମୋର ପୁଣ୍ୟବଳ
ସମାଜ ସେକଥା ବୁଝିକି ଅବୁଝା
ପାରି କରେନାହିଁ ଘାଟ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩

### ସ୍ୱପ୍ନର ମେଘମାଳା

**ରଶ୍ମୀ ସାମଲ**



ସେଦିନ ସନ୍ଧ୍ୟାରେ ଓଲ୍ଲେଇ ଆସୁଥିବା
ସଜଫୁଟା ଜହ୍ନରାତିଟା
ବିଞ୍ଚୁଥିଲା ଶୀତଳ ବାଲିକଣା
ଅନେକ ଅଦୃଶ୍ୟ ଅନୁଭବ ସବୁ
ଖୁନ୍ଦି ହୋଇଥାନ୍ତି ସେଥିରେ
କାକରରେ ଚିକ ଚିକ
କରୁଥାନ୍ତି ହୀରାପରି।
ଠିକ ମନେ ଅଛି ସେ ନିଛାଟ
ସନ୍ଧ୍ୟାର ପରିପାଟି
ଗୋରା ଦେହରେ ନୀଳ
ରଙ୍ଗର ପାଟ ଶାଢ଼ୀ
ପାଦରେ ଘୁଙ୍ଗୁର ଲଗା ପାଉଁଜି
ମଥାରେ ଥିଲା ନାଲି ଓଢଣୀ
ସିନ୍ଥିରେ ଦାଉ ଦାଉ ଦିଶୁଥାଏ
ଗାଢ଼ ଲାଲ ସିନ୍ଦୁର
ଚୁପ ଚୁପ କଥା ଆଉ ଥିରି ଥିରି ଚାଲି
ଶିରା ପ୍ରଶିରାରେ ବହୁଥିଲା
ଯେପରି ସ୍ୱପ୍ନ ମାନଙ୍କର ମେଘମାଳା।
ଅବୋଧ ଶିଶୁ ମାନଙ୍କ ପରି ଇଚ୍ଛାଗୁଡିକ
ଚାରି ପାଖରେ ଗୁରୁଣ୍ଡୁଥାନ୍ତି
ଝାପ୍ସା ଜହ୍ନ ଆଲୋକରେ କିଛି ସମୟର
ଅନ୍ତରଙ୍ଗତାର ଅଭିନୟ,
ଅନ୍ୟମନସ୍କତାରେ ବିଷାକ୍ତ
ନିଶ୍ୱାସର ସ୍ପର୍ଶ
ଉଙ୍କି ମାରୁଥାନ୍ତି ସବୁ ନୀଳ ସ୍ୱପ୍ନ
କାହାର ପାହାନ୍ତି ଡାକରେ
ସେ ଉଭାନ ହୋଇଲା କେଜାଣି।
କୁଆଁରୀ ମନର ଝରକା ଫାଙ୍କରୁ
ସେବେ ଝରି ଆସିଲା
ଅସହାୟତର ବନ୍ୟା
ଅନ୍ଧାରରେ ପବନଟା
ଯାହାକି ଦାଉ ସାଧିଲା
ଅବୁଝା ଜହ୍ନ ରାତିଟା
ବୋଧେ ଛପିଗଲା
ଆଉ କେଉଁ ଦୂର ପାହାଡ଼ କନ୍ଦିରେ।
ରାଣ ପକାଇ, କଥା ଦେଇଥିଲା,
ହେଲେ ପୂରୁବ ଦିଗରୁ
ସୁରୁଜ ଆସିବା ଆଗରୁ
ଜୀଇଁ ବାର ମନ୍ତ୍ର ସବୁ
ପଛରେ ପକାଇ
ଗଙ୍ଗ ଶିଉଳି ପରି ବୃନ୍ତ ଚ୍ୟୁତ ହୋଇ
ଗାଁ ଦାଣ୍ଡରେ ମିଛିମିଛିକା ବୋଉ
ବୋହୂକା ଖେଳ ପରି
ଆଙ୍କି ଦେଇଗଲା
ଅବଶୋଷର ଚିତ୍ର ସବୁ
ବୋହୂ ହେବାର ସ୍ୱପ୍ନ ସବୁ
ହୋଇଲା ଅସଜଡା
ଏବେବି ଭୁଲି ପାରିନି ସେ ସନ୍ଧ୍ୟାକୁ
ଅଭିମାନ ସବୁକୁ ସାଇତି ରଖିଛି
ଦେଖାହେଲେ ଫେରାଇଦେବି
ପୁଣି ଆଉ ଏକ ତୋଫା ଜହ୍ନର
ନିରୋଳା ଆକାଶ ତଳେ।

+ଭୁବନେଶ୍ୱର
ମୋ:୯୪୩୭୧୧୫୮୬୫

## ନିଜ ଠାରୁ ବେଶି ପାଉଛି ଭଲ
### ତାରାପ୍ରସାଦ ଜେନା



ନିଜ ଠାରୁ ବେଶି ପାଉଛି ଭଲ
ସିଏ ମୋ ପ୍ରିୟାର ଆଦର ଗେଲ
ନିଜ ଠାରୁ ବେଶି ପାଉଛି ଭଲ !

ମଉନ ରହିଲେ ପାଖକୁ ଆସେ
କଅଁଳ କଥାରେ ବଢ଼ିଆ ହସେ
ମନ ଆଇନାର ସୁନ୍ଦରୀ ଛବି

ରୂପ ବଗିଚାର ଗୋଲାପ ଫୁଲ
ନିଜ ଠାରୁ ବେଶି ପାଉଛି ଭଲ !

ତା' ପାଇଁ ହେଉଛି ପ୍ରେମିକ କବି
ସୁନାଠୁ ହୀରାଠୁ ଅଧିକ ମୂଲ
ନିଜଠାରୁ ବେଶି ପାଉଛି ଭଲ !

ହାତ ପାଆନ୍ତାର ସୁଖର ଆଶା
ଜମା ଭୁଲିବନି ଦୁଃଖର ଭାଷା
ମନ ବୁଝିବାକୁ ଚୁମ୍ବନ ଗାଲ
ନିଜ ଠାରୁ ବେଶି ପାଉଛି ଭଲ !


❤ରାଜ ରଣପୁର, ଜିଲ୍ଲା-ନୟାଗଡ଼
ପିନ୍-୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦


## ମୋ ମୃତ୍ୟୁ ପରେ
### ସୁଧୀର ମେହେର



ଛଅଖଣ୍ଡ ବାଉଁଶରେ
ବୁହା ହୋଇ ଥିବି ମୁଁ,
ଆଗରେ ବିଛା ହେଉଥିବ ଖଇ,କଉଡି
ଶୁଭୁଥିବ ରାମ ନାମ ସତ୍ୟ ହୈ
ପଛରେ ଲାଗିଥିବ ଆତ୍ମୀୟଙ୍କ କାନ୍ଦ
ବୋବାଳି ।

ଶ୍ମଶାନରେ
ମୁଁ ମୁଠାଏ ପାଉଁଶ ହେଲା ପରେ
ଫେରିବା ବାଟରେ
କିଏ କିଏ କହୁଥିବେ ତାଙ୍କ ସହ
ଥିବା ମୋର ମଧୁର ସଂପର୍କର କଥା,
କିଏ ବା କହୁଥିବ ଅଙ୍ଗେନିଭା କଥା...
କିଛି ଲୋକଙ୍କ ଆହା...ଆହା...ପଦରେ
ଭିଜି ଯାଉଥିବ ଆଖିପତା ।

ବେଶ୍ କିଛି ଦିନ ପରେ
ସଭିଏଁ ଭୁଲିଯିବେ ସବୁକିଛି,
ଅଥଚ ଜଣେ କିନ୍ତୁ ଭୁଲିବାକୁ ଚାହିଁ ବି
ଭୁଲି ପାରୁ ନ ଥିବ ଜମା
ରୁଚୁ ନ ଥିବ ଖାଇବା, ପିଇବା
ଆଖିରୁ ତା'ର ହଜି ଯାଇ ଥିବ ନିଦ ।

ଦିନ କେଇଟାରେ
ସେ ବେଶ୍ ଭଲ ଭାବରେ
ବୁଝି ନେଇ ସାରି ଥିବ-ଜୀବନ ଆଣି
ତା'କୁ ଯେଉଁ ମୋଡରେ ଠିଆ କରେଇ
ଦେଇଛି
ଏଠୁ ତା'ର
ବଞ୍ଚିବା ମରିବା ସମାନ ।

ଚାହିଁଲେ ବି ସେ ହସି ପାରୁ ନ ଥିବ
ମନ ଖୋଲି,
ମରିବାକୁ ଚାହିଁବି ମରି ପାରୁ ନ ଥିବ
ଛୁଆଙ୍କ ମୁହଁ ଦେଖି,
ବଞ୍ଚି ଚାଲିଥିବ ଖାଲି ଗୋଟେ
ଜୀଅନ୍ତା ଶବ ଭଳି ।


❤ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ମୋ: ୯୫୮୩୫୮୮୮୮୭


## କାହିଁକି ବରଷା ଅବୁଝା ନାୟିକା !!
### ରାହାସ କୁମାର ବେହେରା



କାହିଁକି ବରଷା ଅବୁଝା ନାୟିକା
ବୁଝାଇଲେ ଜମା ବୁଝୁନି
ଅମାନିଆ ପଣେ ଅଳସ ସଂଜରେ
ମିଠା ସ୍ମୃତି ପାଇଁ ଜୁଝୁନି ।

ଦୁଲଦୁଲ ହୋଇ ବରଷା ଢାଳୁଛି
ରାଗେ କାଟେ ପାଦ ଘୁଙ୍ଗୁର
ଭିଜେଇ ହୃଦୟ ସବୁଜ ଅଗଣା
ଢାଳିଦିଏ ପ୍ରୀତି ଶୃଙ୍ଗାର ।

ତା' ପ୍ରେମ ନିଆରା ନିରୁତା ସତେଜ
ଭରିଛି ଅନେକ କାହାଣୀ

କହେ କବି ତୁମେ ବଞ୍ଚିଛ କେମିତି
ନରଖି ଭାବର ଚାହାଣି ।

ଏଇ ବରଷାରେ ନିରୀହ ଅବେଳେ
ଢାଳିଛି ସୁଖଦ ମହକ
ମିଶାଇଛ ଦେହ ଓଠର ପରଶ
ଦେଇଛି ଆନଂଦ ସଉକ ।

ଆମ ମିଳନରେ ନାହିଁ ଅବଶୋଷ
ବିଷାଦର କିଛି ଆଧାର
ହସିଦେଇ ଧୀରେ ଲେଖିଛ କବିତା
ଅନୁରାଗେ ଭରି ସୁଧାର ।

ହେଲେ କାହିଁ ଆଜି ଝରୁନି ଶବଦ
ଲେଖୁନ ପୀରତି ଗୀତିକା
କେମିତି ବଞ୍ଚିବ ମୋ ବିନା ହେ ! କବି
କହିବକି ସତ ସତିକା !!

ସେଥିପାଇଁ ତେଣୁ ରାଗ ରୁଷା ମୋର
ବୁଝିଲ କରନା ଛଳନା
ଭସାଇ ଦିଏ ଯେ ସମ୍ପର୍କର ନାବ
ନଥାଉ ବିରହ ତୁଳନା ।


❤ବାଲ୍ୟମ୍ବା ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ: ୯୪୩୮୧୧୪୩୬୮


## ବିବେକ
### ଅନସୂୟା ପଣ୍ଡା



ମଣିଷର ହୃଦକମଳରେ
ବିବେକ କୃଷ୍ଣ ମହାର୍ଥ ପଦ୍ମରାଗ
ଝଟକୁଥାଏ ନିତ୍ୟ ନୈମିତ୍ତିକ ଭାବେ
ଆତ୍ମୋତ୍ତୀର୍ଣ୍ଣ ଅସ୍ମିତାରେ ଜନ୍ମ ଜନ୍ମାନ୍ତରେ।

ଚିନ୍ମୟ ଉନ୍ମେଷରେ
ବିବେକବୋଧର ଆଲୋକେ ଚହଟି ଉଠେ
ସୁଦୀର୍ଘ ଅନ୍ଧାର ଭେଦି ବ୍ୟଗ୍ରତାରେ
କମନୀୟ ଜୀବନ ସତ୍ତାରେ।

ସୁଖର ଅନିଳ ଖେଳିଯାଏ ସଂସାରେ
ଦେଦୀପ୍ୟମାନ ଶିଖାରେ
ପ୍ରେମର ଶାଶ୍ୱତ ସ୍ୱର ଝରିପଡେ
ଉନ୍ମୁଖ ଜୀବନର ପ୍ରତି ମୋଡ଼ରେ।

ପ୍ରଭୁ ପ୍ରଦତ୍ତ ବିବେକର ହତ୍ୟା ପରେ
ମଣିଷ ପଶୁଠୁ ହୀନ ଜଣେ
ତାର ଅଧମ ଆଚରଣେ
ସଂସାର ଶରଧାବାଲିରେ
ଅବିବେକତାର ଶୀର୍ଣ୍ଣ ଭାବନାରେ।

ଭାଙ୍ଗିଯାଏ ଶ୍ରେଷ୍ଠତ୍ୱର ଖୋଳପା ସୃଷ୍ଟିରେ
ଭୂରିଭୂରି ଦୁର୍ଗନ୍ଧ ବହଳ ବିଡମ୍ବନାର
ଓଲଟା ବୋହିଯାଏ ସୁବିଚାର
ନିଜସ୍ୱ ଇନ୍ଦ୍ରିୟ ପରିବେଷ୍ଟିତ କକ୍ଷ ପଥେ।

ଅବିବେକୀର ନିହାଣ ଚୋଟରେ
ଅହଙ୍କାର ଅଙ୍କୁରୋଦ୍ଗମରେ
ଅସିମୀତ ସ୍ୱାର୍ଥ ତୃଷ୍ଣା ତୀରେ
ଉତୁରି ପଡେ ଆତ୍ମସମ୍ମାନ
ଯେହେତୁ କଂସ ରାବଣ କୌରବଗଣ
ମଣିଷ ଦେହେ ଗୁଡେ ଅମଣିଷ
ଲଭିଲେ ଦୟନୀୟ ଅନ୍ତ।

ବିବେକ ବଶୀକୃତ କସ୍ତୁରୀଟିଏ
ଯିଏ ଅଜାଣତରେ ମହକାଏ
ଅନିନ୍ଦ୍ୟ ଆନନ୍ଦେ ମଧୁମୟ ସମନ୍ୱୟରେ
ଅମୃତର ସନ୍ତାନ ପରିଚୟରେ।


❤ବୁର୍ଲା, ସମ୍ବଲପୁର,
ମୋ:୯୪୩୯୨୧୧୯୭୧


## ହେ ଝରା ଶ୍ରାବଣ ତୁମେ ଗଲା ପରେ
### ନଳିନୀ ଦାଶ



ହେ ଝରା ଶ୍ରାବଣ ତୁମେ ଗଲାପରେ
ଭିଜୁନାହିଁ ଏହି ମନ
ବଉଦ ଫାଙ୍କରୁ ଲୁଚକାଳି ଆଉ
ଖେଳୁନି ଉଦାସୀ ଜହ୍ନ ।
ତୁମର କୋମଳ ପରଶ ପାଇଲେ
ହସେ ମନ ମଉସୁମୀ
ରିମ୍‌ଝିମ୍ ସୁର ଶୁଣି ଆନମନା
ହୋଇ ନାଚେ ମନଭୂମି ।
ହୃଦୟ ଜିଣିଲ ଖୁସି ଭରିଦେଲ
ତୁମକୁ ହେଉଛି ଝୁରି
ହେ ଝରା ଶ୍ରାବଣ ଲୁହ ଭରିଦେଇ
ଯାଇଛ ତୁମେତ ଫେରି ।
ତୁମ ଛମ୍ ଛମ୍ ନୃତ୍ୟେ ବିମୋହିତ
ଗାଉଛି ମଧୁ ରାଗିଣୀ
ଶୀତଳ ପରଶ ମନ ମହକାଏ
ହସଫୁଲ ଦିଏ ବୁଣି ।
ତୁମେତ ଆସିଲ ବରଷା ଢାଳିଲ
ଏ ମନ କରିଲ ଚୋରି
କେତେ ଯେ ହୃଦୟ ତୁମେ କିଣିନେଲ
ଭରି ଆଶା ଅସୁମାରି ।
ମନ ବଗିଚାରେ ଫୁଲ ଫୁଟାଇଲ
ସୁରଭି ଦେଇଛ ଭରି
ହେ ଝରା ଶ୍ରାବଣ ଯାଇଅଛଫେରି
ତୁମକୁ ହେଉଛି ଝୁରି ।
ଆଶାର ଆଲୋକ ପଥ ଦେଖାଇଲ
ହୃଦୟେ କରିଲ ଘର
ସବୁଜ ସପନ ଦେଖାଇ କାହିଁକି
କରି ଯାଇଅଛ ପର ।
ତୁମର ପ୍ରୀତିରେ ମତୁଆଲା ହେଇ
ତନୁ ମନ ମୋର ହସେ
ପ୍ରୀତିର କୁସୁମ ପ୍ରସ୍ଫୁଟିତ ହୋଇ
ମନ ଅଗଣାଟି ବାସେ ।


❤ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯


## ମୁଁ ବି ସେହି ରଫ୍ ଖାତା ପରି
### ଶ୍ରୀକାନ୍ତ ପ୍ରଧାନ



ମୁଁ ବି ତ ସେହି ରଫ୍‌ଖାତା ପରି..
ପ୍ରଥମ ଦରକାର ମୁଁ ସମସ୍ତଙ୍କର,
ହେଲେ ନୁହେଁ କାହା ଆଦରର..
ମୋ ବିନା କୌଣସି ବିଷୟ
ପଢ଼ା ଯାଏନା,
ପଢ଼ିଲା ପରେ ମତେ ଆଉ
ଲୋଡ଼ା ଯାଏନା..
ମୁଁ ଯେ ସେ ରଫ୍ ଖାତା..
ମୋ ଉପରେ କିଏ ବାରମ୍ବାର
ଭୁଲ୍ ଅଙ୍କ କଷିଚାଲେ,
ତ ଆଉ କିଏ ଅଶୁଦ୍ଧ ବନାନର
ଶବ୍ଦମାନ ଲେଖିଚାଲେ..
ସାମାନ୍ୟ କଥାରେ ଫ'ର୍ ଫର୍ ଚିରାଯାଏ
ମୋ ସାଧା ଫର୍ଦ୍ଦମାନ,
ଟିକିଏ ବି କେହି ଭାବନ୍ତିନି
ଲାଗେ କି ନାହିଁ ମତେ ଅପମାନ..
ହଁ ମୁଁ ସେହି ରଫ୍ ଖାତା,..
ପ୍ରତିନିଧି ମୁଁ ଗଣିତ, ସାହିତ୍ୟ
ଇଂରାଜୀ ଓ ବିଜ୍ଞାନର,
ଦୂର କରେ ମୁଁ ସମସ୍ତ ବିଷୟର
ସନ୍ଦେହ ଅଜ୍ଞାନର..
ହେଲେ ଶେଷରେ ଫିଙ୍ଗିଦେଇ
ପୁରେଇ ଦିଅନ୍ତି ମତେ ବସ୍ତାରେ,
ମୋର ମୂଲ୍ୟ କେହି ବୁଝେନି
ମୁଁ ବିକ୍ରି ହେଇଯାଏ କେତେ ଶସ୍ତାରେ ?..
ହଁ ମୁଁ ବି ତ ଠିକ୍ ସେହି ରଫ୍ ଖାତା ପରି..


❤ସହକାରୀ ଶିକ୍ଷକ
ବାଣୀଶ୍ରୀ ଉଚ୍ଚ ବିଦ୍ୟାଳୟ,
ଧୁମାଭଟା, ବଲାଙ୍ଗୀର
ମୋ:- ୯୬୬୮୧୫୨୨୫୬


## ତୁମେ ଆସିବ ବୋଲି
### କ୍ଷଣ ପ୍ରଭା ମହାନ୍ତି

ତୁମେ ଆସିବ ବୋଲି ତ ଶୁଭିଲାଣି
ମୋହନ ବଂଶୀର ମୂର୍ଚ୍ଛନା,
ସଜେଇ ହେଲାଣି ଦଶଦିଗ, ସଜେଇ
ହେଲାଣି ମେଘ କନ୍ୟା ।

ଭୋଦୁଅର ମଧୁର ଆଶ୍ଲେଷ,
ଅନ୍ଧାରର ବକ୍ଷ ଭେଦି ବାସୁକିର
ଫଣା ତଳେ ବ୍ରହ୍ମାଣ୍ଡ ରହସ୍ୟ ।

ଯମୁନାର ଉଚ୍ଛୁଳା ଛାତିରେ
କାହାର ସେ ଅଭେଦ୍ୟ ସାହସ
ବିଶ୍ୱାସ ର ଭିତ୍ତି ଭୂମିରେ ବିକଶିତ
ହେଲାଣି ଆତ୍ମାଫୁଲ, ଗୋଟେ
ନିବିଡ଼ ତା ଭିତରେ ଆବୋରି
ନେବାର ସମ୍ମୋହନ,
ତୁମେ ଆସିବ ବୋଲିତ ମୋହନ ।

ଛିନ୍ନ କରି ଆକଟ ଶିକୁଳି
ସଂଖୁଳି ନେଲା କି ସତେ ଗୋପଦଣ୍ଡ
ଧୂଳି, ନନ୍ଦ ଘରେ ବାଜିଲାଣି ଦେଖ
ଶୁଭ ଶଙ୍ଖ, ହେ ମୋହନ, ଆସିଚି ସେ
ମାହେନ୍ଦ୍ର ମୁହୂର୍ତ୍ତ ଜନନୀର ପ୍ରାଣ ପୁଲକିତ।
ଭବରେ ଭବ୍ୟ ଅତିଥି, ଏଥିରେ କି
ଲୋଡ଼ା ଥାଏ ତିଥି।


❤ନୀଳାଦ୍ରି ନଗର, ଖଣ୍ଡଗିରି




## କୋମଳ ମାଂସର ବାସ୍ନା
### ବିଜୟ କୁମାର ପଣ୍ଡା



କୋମଳ ମାଂସର ବାସ୍ନାରେ
ଏଠି ପାଗଳ ଶୃଗାଳ ସ୍ୱାନ
ଏ ପାଖରୁ ଜଣେ ରକ୍ତାକ୍ତ କରେ
ସେ ପାଖରେ ବସେ ଆନ
ଚାଁ ଚାଁ କରି ଝୁଣି ନିଅନ୍ତି ସେ
ତାଳୁରୁ ତଳିପା ଯାଏଁ
ତଥାପି ମେଣ୍ଟେନି ମାଂସର କ୍ଷୁଧା
ପ୍ରାଣ ନ ହରିବା ଯାଏଁ।


❤ ସମ୍ପାଦକ - କନକଲତା,
ବାଲେଗେରେ, ଭର୍ଥୂର, ବେଙ୍ଗାଲୁରୁ ,
ମୋ: ୯୭୩୯୫୯୧୮୧୬


## କଲମ ଆଜି ଜାଗ୍ରତ ହୁଅ
### ଶ୍ୱେତପଦ୍ମା ବିଶ୍ୱାଳ

ମଡ଼ା ଜାତି ଆଜି ଜାଗ୍ରତ ହୁଅ
କଲମ ମୁନର ଖଡ୍ଗ ଧାରେ
ସୁପ୍ତ ଜାତିକୁ ଥରେଇ ଦିଅ,
ହେ ! କଲମ ଜାଗ୍ରତ ହୁଅ ଗନ୍ଧମାର୍ଦ୍ଦନ
ସଞ୍ଜିବନୀ ସାଜି ସୁପ୍ତ
ପ୍ରାଣେ ଜୀବନ୍ୟାସ ଭରିଦିଅ।
ଜାଗ୍ରତ ହେଉ କଲମ ମୁନ
ଭାଙ୍ଗି ଦେଉ ସବୁ ନୀରବତା,
ଫେରି ଆସୁ ଓଡ଼ିଆ ଅସ୍ମିତା
ଫେରି ଆସୁ ଭାଷା ରସତ୍ତା
ଚେତାଇ ଦିଅ, ଜଗାଇ ଦିଅ
କର୍ମ ପଥେ ଅଗ୍ରସର ହୁଅ,
ଏଇ ମଡ଼ା ଜାତିକୁ ଆଜି ଉଦ୍ୟତ କର
ଶତସିଂହର ବଳେ ମନେ ଭରିଦିଅ।
କଷଣ, ଶୋଷଣ, ଦୂଷଣ, ପେଷଣ
ବିଲୁପ୍ତ ହେଉ ଏଇ ଧରଣୀ ବକ୍ଷରେ,
ସତ୍ୟ, ନ୍ୟାୟ, ଧର୍ମ, କର୍ମର ମାର୍ଗେ
ରାମରାଜ୍ୟ ପ୍ରତିଷ୍ଠା ହେଉ
ଭାରତ ଭୂଇଁରେ।


❤ ପୁରୀ


## ଜୀବନ ସିନ୍ଧୁ
### ମୁକ୍ତିରାଣୀ ଦେବତା



ଜୀବନ ଯମୁନା ଉଜାଣି ସୁଅ,
ପ୍ରତିକ୍ଷଣେ କାୟ ହୁଅଇ ଦାହ।
କଣ୍ଟକିତମୟ ଜୀବନ ପଥ,
ଅତୀବ ଦୁର୍ବୋଧ ଏହାର ଅର୍ଥ।

ଅଳୀକ ସଂସାରେ ନଶ୍ୱର ଘଟ,
ମରଣ ସାଥୀରେ ହୋଇବ ଭେଟ।
ଧନଜନ ମାନ ସବୁ ଅସାର,
କ୍ଷଣିକ ମୁହୂର୍ତ୍ତେ ସାଜଇ ପର।

ରୂପରଙ୍ଗ କିବା ରୁହଇ ସଦା,
ଦୁଷ୍କୃତି ଅର୍ଜିଣ ମିଳଇ ନିନ୍ଦା।
ଅନ୍ତର୍ମନେ ଥିଲେ ଅମାପ ଗର୍ବ,
ପ୍ରାପତ ହୁଏନି ମୋକ୍ଷର ମାର୍ଗ।

ବିଭୀଷିକାମୟ କାଳର ଫାଶ,
ପ୍ରାଣୀଏଁ ଅଟନ୍ତି ଏହାର ବଶ।
ଅନିତ୍ୟ ସାଜଇ ଜୀବନ ଖେଳ,
ବାହୁଡ଼ନ୍ତି ସର୍ବେ ହୋଇଲେ ବେଳ।

ଜନ୍ମଠୁ ମରଣ ଏହାର ଗତି,
ହର୍ଷକ୍ଳେଶ ମିଶା ଜୀବନ ରୀତି।
ଧର୍ମକୁ ଆଚରି ହୋଇଲେ ସାଧୁ,
ଜୀବନ ସିନ୍ଧୁରୁ ନିର୍ଝରେ ମଧୁ।


❤ମନ୍ଦାରଖଣ୍ଡ, ଯାଜପୁର


## ଅଭିବ୍ୟକ୍ତି
### ଧର୍ମେନ୍ଦ୍ର କୁମାର ସିଂହଦେଓ



ଭଲ ପାଇବାର ଅଭିବ୍ୟକ୍ତି କରି ପାରେନା
ପାରେନା ମୁଁ ମିଥ୍ୟା ପ୍ରଶଂସା କରି
ସତ କହି ପୁଣି ଜଳିଯାଏ ମୁଁହି
ଅସ୍ତିତ୍ୱର ବିଭୀଷିକା ଅନଳେ।

ସାଙ୍ଗ ହୋଇ ଆଗେଇ ଯିବାର
ପ୍ରତିଶ୍ରୁତି ଭୁଲି ପାରେନା
ପାରେନା ମୁଁ ତୁମ ବିନା ଏକା ଆଗେଇ
ଯିବା
ଜନ ସମୁଦ୍ରର ଉଚ୍ଛଳିତ ତରଙ୍ଗରେ
ମୁଁ ଖୋଜି ହୁଏ
ସେହି ସୌମ୍ୟ ମିତ୍ରତାର ଅଭିବ୍ୟକ୍ତି।

ମନ୍ଦିରେ ଅବା ପ୍ରଭୁପାଦତଳେ କରିଥାଏ
ତୁମରି ସଦା ମଙ୍ଗଳ କାମନା
ତୁମରି ସ୍ମୃତି ରେ ମୁଁ ଆଗେଇ ଯାଏ
ଭୁଲି ଯାଇ ସେହି ପୂର୍ବ ବେଦନା।

ନିଜ କର୍ତ୍ତବ୍ୟ ରେ ବୁଡି ଗଲେ ବି
ମୁଁ ତୁମକୁ ଦୂରେଇ ପାରେନା
ଦାୟିତ୍ୱ ଘେରାରେ ଘେରି ଗଲେ ବି
ମୁଁ ତୁମକୁ ପାସୋରି ପାରେନା।

କାଳ ଚକ୍ରରେ ପିସି ହେଉ ଥିଲେ ବି
ମୁଁ ତୁମକୁ ହଜେଇ ପାରେନା
ଅଯଥା ଆଡମ୍ବରେ ପେଡି ହେଲେ ବି
ମୁଁ ତୁମକୁ ଅଭିବ୍ୟକ୍ତି କରି ପାରେନା।

ଅବୁଝା କଥା ଜାଲରେ ଫଶି ଗଲେ ବି
ମୁଁ ତୁମକୁ ବୁଝେଇ ପାରେନା
ଅକୁହା ସପନ ରାଇଜରେ ବୁଲିଲେ ବି
ମୁଁ ତୁମକୁ ଛାଡ଼ି ପାରେନା।

ବେଳ ଥାଉ ଥାଉ ବାହୁଡ଼ି ଆସିଲେ ବି
ମୁଁ ତୁମକୁ ଚକିତ କରି ପାରେନା
ଏହି ପ୍ରଗତି ର ବିସ୍ମୃତ ଚମକରେ
ମୁଁ କିଛି ଅଭିବ୍ୟକ୍ତି କରି ପାରେନା।


❤କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଭୋପାଲ (ମଧ୍ୟ ପ୍ରଦେଶ)
ମୋ:୯୪୦୬୫୧୬୪୩୫


## ଭାଷାର ଭଗ୍ନାଂଶରେ
### ଗଜାନନ ମିଶ୍ର

ଗୋଡାଉଛି ପଛେ ପଛେ
ବାଇଭୂତ ହୋଇ,
ରହସ୍ୟମୟୀ ମାଟି ପଡିଥାଏ
ସେଇଠି ଇ ପୂର୍ବପରି।

ଉପହାରରେ ମିଳେ
ଗୋଟେ ଆଳୁ,
ପଥର ହୋଇ ଭଲ ପାଏଁ
ସେଇ ଆଳୁକୁ ଧରି।

ଜମେ ଆଳୁ ବେପାର,
ଆଉ ଏତେବେଳେ
ଆମ୍ନାସାମ୍ନା ହେବାକୁ ପଡେ
କୁହୁଡ଼ି ସହିତ।

ସକ୍ରିୟ ପାଣିପାଗ, ଭୟଙ୍କର
ଐତିହାସିକ ଘଟଣାକ୍ରମ, ଆଉ
ବେଳୁବେଳ ବଦଳେ ଭାଷାର
ଜଟିଳ ଭଗ୍ନାଂଶ।


❤ତପୋବନ, ଟିଟିଲାଗଡ-୭୬୭୦୩୩

# ଗଣେଶ ପୂଜା ନିମନ୍ତେ ପୋଲିସର ଗାଇଡ୍ ଲାଇନ୍: ଡିଜେ ବ୍ୟାନ୍

ଜୟପୁର,୧/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ଚଳିତ ବର୍ଷ ଗଣେଶ ପୂଜା ନିମନ୍ତେ ଜାରି କରାଗଲା ଗାଇଡ୍ ଲାଇନ୍। ଜୟପୁର ଟାଉନ୍ ଥାନା ଏବଂ ଜୟପୁର ସଦର ଥାନା ନିମନ୍ତେ ଜାରି କରାଯାଇଛି ହେଲ୍ପ ଲାଇନ ନମ୍ବର । ଚଳିତ ବର୍ଷ ଗଣେଶ ପୂଜା ଯେପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେନେଇ ଆଗୁଆ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା। ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସର ବିନାନୁମତିରେ କୌଣସି ପୂଜା ମଣ୍ଡପରେ ବାଜିବ ନାହିଁ ଡିଜେ ଏବଂ ମଣ୍ଡପରେ ଲାଗିବ ସିସିଟିଭି କ୍ୟାମେରା। ଏହା ବାଧ୍ୟତାମୂଳକ ବୋଲି ଜୟପୁର ଏସଡିପିଓ ଅଙ୍କିତ ବର୍ମା। ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିନା ପୋଲିସ ଅନୁମତିରେ କୌଣସି ପୂଜା ମଣ୍ଡପରେ ଡିଜେ ଲଗାଇ ପାରିବେ ନାହିଁ। ବିନା ଅନୁମତିରେ ଯଦି କୌଣସି ପୂଜା ମଣ୍ଡପରେ କାର୍ଯ୍ୟ କରାଯାଏ, ତେବେ ପୂଜା କାର୍ଯ୍ୟ ଉପରେ ପୋଲିସ ରୋକ୍ ଲଗାଇବା ନେଇ ସୂଚନା ଦେଇଛନ୍ତି ଏସଡିପିଓ। ଚଳିତ ବର୍ଷ ଗଣେଶ ପୂଜାରେ ସିସିଟିଭି ବାଧ୍ୟତାମୂଳକ କରାଯାଇଛି। ବିଶେଷ କରି ଚୋରି, ଡକାୟତି, ରାହାଜାନୀକୁ ରଖିବା ପାଇଁ ପୋଲିସ ପଦକ୍ଷେପ ନେଉଥିବା ବେଳେ ସମସ୍ତ ପ୍ରକାରର ବ୍ୟବସ୍ଥା କରୁଥିବା ଜଣାପଡିଛି। ଯଦି କୌଣସି ପୂଜା ମଣ୍ଡପ ନିୟମ ଉଲ୍ଲଙ୍ଘନ କଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବଂ ପୂଜା ମଣ୍ଡପରେ ଦର୍ଶନ ନିମନ୍ତେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ପାଇଁ ଧାଡି କରିବାକୁ ମଧ୍ୟ ପୋଲିସ ପକ୍ଷରୁ କୁହାଯାଇଛି। ବାଧ୍ୟତାମୂଳକ ଭାବେ ପୂଜା ଚାନ୍ଦା ଆଦାୟ ଉପରେ ମଧ୍ୟ ପୋଲିସ କଟକଣା ଲଗାଇଛି। ଏବଂ ପୂଜା ମଣ୍ଡପରେ ପୋଲିସର ମୁତୟନ ପରେ ବି ଅଧିକରୁ ଅଧିକ ସ୍ୱେଚ୍ଛାସେବୀ ମୁତୟନ ନେଇ ମଧ୍ୟ ପୋଲିସ କହିଛି। ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ ଉପରେ ମଧ୍ୟ ଅଙ୍କୁଶ ଲଗାଇଛି ପୋଲିସ। ଯଦି କୌଣସି ପ୍ରକାର ଜୋର ଜୋବରଦସ୍ତ ଚାନ୍ଦା ଆଦାୟ କଲେ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ଏସଡିପିଓ ଶ୍ରୀ ବର୍ମା କହିଛନ୍ତି। ଏବଂ ସଂପୂର୍ଣ୍ଣ ରୂପେ ଚଳିତ ବର୍ଷ ଗଣେଶ ପୂଜାରେ ଡିଜେ କୁ ବ୍ୟାନ୍ କରାଯାଇଛି। ଗଣେଶ ପୂଜାରେ ପାରମ୍ପାରିକ ବାଦ୍ୟଯନ୍ତ୍ର ସହିତ ସାଉଣ୍ଡ ସିଷ୍ଟମ ବ୍ୟବହାର କରିବାକୁ ପୋଲିସ ପରାମର୍ଶ ଦେଇଛି। ଏବଂ ପୂଜାର ଶେଷ ଦିନ ତଥା ଭଷାଣୀରେ ମଧ୍ୟ ଯେପରି ଭଷାଣୀ ଶାନ୍ତି ଶୃଙ୍ଖଳାରେ ହେବ ସେ ନେଇ ମଧ ପୋଲିସ ତରଫରୁ ନିୟମ କରାଯାଇଛି। ଜୟପୁର ପୌରପାଳିକା ସ୍ଥିର କରିଥିବା ସ୍ଥାନରେ ମୂର୍ତି ବିସର୍ଜନ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଏବଂ ରାତି ୯ଟା ସୁଦ୍ଧା ମୂତି ଭଷାଣୀ ନେଇ ପୋଲିସ ପକ୍ଷରୁ କୁହାଯାଇଛି। ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜୟପୁର ଟାଉନ୍ ଥାନା ଏବଂ ଜୟପୁର ସଦର ଥାନା ପାଇଁ ଏକ ହେଲ୍ପ ଲାଇନ ନଂ ୯୪୩୮୯୧୬୯୨୮ (ସଦର ଥାନା) ଏବଂ ଜୟପୁର ଟାଉନ୍ ଥାନା ନିମନ୍ତେ ୯୪୩୮୯୧୬୯୩୦ ରହିଛି। ଯଦି କୌଣସି ଶ୍ରଦ୍ଧାଳୁ କିମ୍ୱା ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଲେ ଏହି ହେଲ୍ପଲାଇନ ନମ୍ବରରେ ପୋଲିସକୁ ଯୋଗାଯୋଗ ସହ ଅବଗତ କରିପାରିବେ।

# ସାମାଜିକ ସେବା ବିନା ଜୀବନର ସଫଳତା ଅଧୁରା: ରୋଟାରୀ ଗଭର୍ଣ୍ଣର

କନ୍ଧମାଳ,୧/୦୯ (ନି.ପ୍ର): ଫୁଲବାଣୀ ରୋଟାରୀ କ୍ଲବ୍ ତରଫରୁ ଆୟୋଜିତ ସଦସ୍ୟତା ଓ ସଂଗଠନର ବିକାଶ ଶୀର୍ଷକ ଆଲୋଚନା ଚକ୍ରରେ ରୋଟାରୀ ଗଭର୍ଣ୍ଣର ଯଜ୍ଞାଶିଷ୍ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ମଣିଷ ଜୀବନରେ ସେବା ମନୋଭାବର ଗୁରୁତ୍ୱ ସଂପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ସେବା କରିବା ଜୀବନର ଏକ ସୁଯୋଗ,ଏଣୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଯୁବ ପିଢ଼ି ଆଗଭର ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଯୋଗଦେଇ ପ୍ରାକ୍ତନ ରୋଟାରୀ ଗଭର୍ଣ୍ଣର ଦେବାଶିଷ ମିଶ୍ର ସାରା ବିଶ୍ୱର ୨୨୦ ଦେଶରେ ରୋଟାରୀର ସେବା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ସାମାଜିକ ସେବା ବିନା ନେତୃତ୍ୱ ନେବାର ଦକ୍ଷତାର ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ। ୧୯୦୫ ମସିହାରୁ ରୋଟାରୀ ଆରମ୍ଭ କରିଥିବା ସେବା ଓ ବନ୍ଧୁତାର ସଫଳତା ସ୍ୱରୂପ ଆଜି ଲକ୍ଷ ଲକ୍ଷ ରୋଟାରୀଆନ୍ ସେବା କାର୍ଯ୍ୟରେ ବ୍ରତୀ ହୋଇଥିବା ଏବଂ ଭାରତରେ ସର୍ବାଧିକ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ସଂପର୍କରେ ସେ ସୂଚନା ଦେବା ସହ ଫୁଲବାଣୀ ରୋଟାରୀ କ୍ଲବ୍‌ର ସେବା କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ରୂପେ ଜୋନାଲ୍ ଚେର୍ଆ ମିହିର ପାଣିଗ୍ରାହୀ, ଆସିଷ୍ଟାଂଟ ଗଭର୍ଣ ମିହିର ରଂଜନ ନାୟକ, ରୋଟାରୀ ଜିଲ୍ଲା ସଂପାଦକ ସୁଶାନ୍ତ ମହାପାତ୍ର,ପରାମର୍ଶଦାତା ଇନ୍ଦ୍ରଜିତ୍ ସାହୁ,ରାଜାରାମ୍ ପ୍ରମୁଖ ଯୋଗ ଦେଇ ଫୁଲବାଣୀ ରୋଟାରୀ ତରଫରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସଭାପତି ବିପ୍ରଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଡି. ଅରୁଣା ଦେଇଥିଲେ। ଏହି ଅବସରରେ ଗତ ବୋର୍ଡ଼ ପରୀକ୍ଷାରେ ଫୁଲବାଣୀର ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ସେପରି ବନ ବିଭାଗର ପ୍ରୟାସରେ ଅନେକ ଲଣ୍ଡା ପାହାଡ଼ରେ ପ୍ରାୟ ଚାଳିଶ ହଜାରରୁ ଅଧିକ ଗଛ ଲଗାଇ ସବୁଜିମା ସୃଷ୍ଟି କରିଥିବା ତିନିଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ରୋଟାରୀଆନ୍ ପବନ ଅଗ୍ରୱାଲ , ପ୍ରକାଶ ପଣ୍ଡା, ନାରାୟଣ ପ୍ରଧାନ, ବିରାଜିନୀ ମହାପାତ୍ର, କୁନ୍ଦନ ସିଂ, ହରିଷ୍ଟନ୍ଦ୍ର ମହାରଣା,ରୂପକ ମହାନ୍ତି, ସନ୍ତୋଷ କୁମାର୍ ପଣ୍ଡା, ଉପେନ୍ଦ୍ର ମହାପାତ୍ର,ସୁନୀତି ଆଚାରୀ, ଶୁଭ୍ରା ପଟ୍ଟନାୟକ, ଦେବେନ୍ଦ୍ର ପାତ୍ର, ରବି ନାରାୟଣ ସୁବୁଦ୍ଧି, କେ ଜ୍ଞାନକୁମାର ଦୋରା, ପଦ୍ମ ଚରଣ ସ୍ୱାଇଁ,ବିରଜା ନାହାକ, ରମେଶ ସାହୁ,ବାଲାଜି ପାତ୍ର,ସୁନୀତା ନାୟକ, ମିନି ପଟ୍ଟନାୟକ,ସନ୍ତୋଷ ମିଶ୍ର,ଅଶୋକ ଧଳ,ଜୟ ପ୍ରକାଶ ପାତ୍ର ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାବଲମ୍ୱୀ ଯୋଜନାରେ ଚାରିଜଣ ହିତାଧିକାରୀଙ୍କୁ ଠେଲାଗାଡି ପ୍ରଦାନ କରାଯିବା ସହ ଭବିଷ୍ୟତରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଅନ୍ୟ ସେବା ଯୋଗାଇ ଦେବାର ପ୍ରୟାସ କରାଯିବ ବୋଲି ସଂପାଦକ ବିଜୟ କୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଦେବା ଅବସରରେ ପ୍ରକାଶ କରିଥିଲେ। ଫୁଲବାଣୀ ବାହାରୁ ଆସିଥିବା ବିଭିନ୍ନ କ୍ଲବର ରୋଟାରୀଆନ୍‌ଙ୍କ ପାଇଁ ଏକ ସ୍ୱତନ୍ତ୍ର ଟି ସାର୍ଟ ଉନ୍ମୋଚନ ସହ ଫୁଲବାଣୀ ରୋଟାରୀ ସେବା ଟ୍ରଷ୍ଟ ଭବନର ଉଦ୍‌ଘାଟନ କରି ଅତିଥିମାନେ ଫୁଲବାଣୀ ରୋଟାରୀ କ୍ଲବ୍ ସଦସ୍ୟଙ୍କ ପ୍ରୟାସର ପ୍ରଶଂସା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ସଦସ୍ୟତା ଗ୍ରହଣ କରିଥିବା ୧୩ ଜଣ ନୂତନ ସଦସ୍ୟଙ୍କୁ ଗଭର୍ଣର ଶପଥପାଠ କରାଇଥିଲେ। ସଭାପତି ଶ୍ରୀ ବିପ୍ର ଚରଣ ପାତ୍ର ଆଗାମୀ ଦିନରେ ରୋଟାରୀ କ୍ଲବ୍ ଫୁଲବାଣୀ ତରଫରୁ ଏକ ଦୁଇ ଦିନିଆ ଜିଲ୍ଲା ସେମିର୍ନା ପାଇଁ ଦେଇଥିବା ପ୍ରସ୍ତାବ କାର୍ଯ୍ୟକାରି କରାଯିବା ପାଇଁ ପ୍ରୟାସ କରାଯିବ ବୋଲି ରୋଟାରୀ ଗଭର୍ଣ୍ଣର ସୂଚନା ଦେଇଥିଲେ।

# ବଲାଙ୍ଗୀରରେ ଅନୁସୂଚିତ ଜାତି ଓ ଜନଜାତି କମିଟି ଗଠିତ

ବଲାଙ୍ଗିର,୧/୦୯ (ନି.ପ୍ର): ଓଡିଶା ଅନୁସୂଚିତ ଜାତି ଓ ଜନ ଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ଏକ ଗୁରୁତ୍ୱପୂର୍ଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହସ୍ତ ଶିଳ୍ପ ଅଧିକାରୀ ଅଜିତ ପ୍ରସାଦ ଭୋଇ, ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠ୍, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ପ୍ରଫେସର ଅକ୍ଷୟ କୁମାର ସେଠ୍, ପ୍ରଫେସର ସଦାଶିବ ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ବୃନ୍ଦାବନ ନାଗ ପ୍ରମୁଖ ମଂଚାସୀନ ଥିଲେ। ଅନୁସୂଚିତ ବର୍ଗ ଉପରେ ବୃଦ୍ଧି ପାଉଥିବ ଅତ୍ୟାଚାର ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଗଲା। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସ୍ତରୀୟ କମିଟିର ସଭ୍ୟ ଅଜିତ ପ୍ରସାଦ ଭୋଇଙ୍କ ତତ୍ତ୍ୱାବଧାନରେ ଏକ ଜିଲ୍ଲା ସ୍ତରୀୟ କମିଟି ଗଠନ କରାଗଲା। ସର୍ବ ସମ୍ମତି କ୍ରମେ ମୀନକେତନ ମାଝି ସଭାପତି, କମଳ ଲୋଚନ ବିଶ୍ୱାଳ କାର୍ଯ୍ୟକାରୀ ସଭାପତି, ରବୀନ୍ଦ୍ର ସୁନା ସାଧାରଣ ସମ୍ପାଦକ, ନୀଳକଣ୍ଠ ସୁନା ସହ ସମ୍ପାଦକ, କୌତୁକ ପନ୍ଦର ସାଙ୍ଗଠନିକ ସମ୍ପାଦକ, ସୁଶ୍ରୀ ଫୁଲନ୍ତୀ ଗୁରିଆ ନିୟୋଜନ ସମ୍ପାଦକ, ସୁରେନ୍ଦ୍ର ସେଠ୍ ସାଂସ୍କୃତିକ ସମ୍ପାଦକ, ବୃନ୍ଦାବନ ନାଗ ଆର୍ଥିକ ସମ୍ପାଦକ, ସଦାନନ୍ଦ ଭୋଇ ଅତିରିକ୍ତ ସମନ୍ୱୟ ସମ୍ପାଦକ ଓ ନିହାର ରଞ୍ଜନ ବାଗ କମିଟିର ଅଡିଟର ଭାବରେ ମନୋନୀତ ହେଲେ। ଉକ୍ତ ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀ ବହୁ ସଂଖ୍ୟାରେ ବଲାଙ୍ଗୀର ଜିଲ୍ଲାର କୋଣ ଅନୁକୋଣରୁ ଯୋଗ ଦେଇଥିଲେ। ନେପାଲ ବାଗ ସଂଯୋଜନା କରିଥିବା ବେଳେ ସୂର୍ଯ୍ୟମଣି ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱାମିତ୍ର ନାଗ, ସହଦ୍ୱେ ଧରୁଆ, ମହେନ୍ଦ୍ର ନାଗ, ଛବିନ୍ଦ୍ର ବେହେରା, ପର୍ଶୁରାମ ସୁନା, ଅକ୍ରୁର ସୁନା, କଳିଙ୍ଗ ସୁନା, ରାମଚନ୍ଦ୍ର ଦୀପ, କୃଷ୍ଣଚନ୍ଦ୍ର ବାଗ, କାର୍ତିକ ହରପାଲ ପ୍ରମୁଖ ସହଯୋଗ କରିଥିଲେ।

# ସମାଜସେବୀ ଜୟପ୍ରକାଶ ସ୍ୱାଇଁଙ୍କ ପରଲୋକ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): ମାର୍ଶାଘାଇ ବ୍ଲକ୍ ଅନ୍ତେଇ ପଂଚାୟତ ଅନ୍ତର୍ଗତ ବାଲିଘାଇ ଗ୍ରାମର ଜଣାଶୁଣା ସମାଜସେବୀ ତଥା ଗାଁ ମୁରବୀ ଜୟ ପ୍ରକାଶ ସ୍ୱାଇଁ (ସମସ୍ତଙ୍କର ପ୍ରିୟ ଜପ ଭାଇ)ଙ୍କର ଗତ ଶୁକ୍ରବାର ଅପରାହ୍ନରେ ଆକସ୍ମିକ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା । ତାଙ୍କର ବିଧବା ପତ୍ନୀ, ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି । ଜୀବନବ୍ୟାପୀ ନିଜ ଗାଁ ତଥା ଅଂଚଳର ବିକାଶ ପାଇଁ ସେ ପ୍ରଚେଷ୍ଟା ଜାରି ରଖିଥିଲେ । ତାଙ୍କ ପ୍ରଚେଷ୍ଟାରେ ଗାଁ ରେ ଗଢି ଉଠିଥିଲା ବଜ୍ରସୋନା ହାଇସ୍କୁଲ । ଜପଭାଇଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଂଚଳରେ ଶୋକ ପ୍ରକାଶ ପାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ତଥା ଜନସାଧାରଣ ତାଙ୍କ ବାସ ଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡ଼ପୁଅ ରଶ୍ମିରଂଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ଜୟପ୍ରକାଶ ସ୍ୱାଇଁଙ୍କ ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ ଆୟୋଜିତ

ବଲାଙ୍ଗିର,୧/୦୯ (ନି.ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସଂସ୍କୃତଭାରତୀର ଅନୁରୋଧ କ୍ରମେ ବଲାଙ୍ଗୀର ଟାଉନ ବାଳିକା ଉଚ୍ଚବିଦ୍ୟାଳୟରେ ଆଜି ଜିଲ୍ଲା ସ୍ତରୀୟ ସଂସ୍କୃତ ଦିବସ, ସଂସ୍କୃତ ଶିକ୍ଷକ ସମ୍ମିଳନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଭାବେ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସଂସ୍କୃତ ଭାଷାରେ ନିହିତ ଜ୍ଞାନ ଭଣ୍ଡାରର ସଂରକ୍ଷଣ, ବିକାଶ ଓ ପ୍ରଚାର ପ୍ରସାର ନିମନ୍ତେ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏଥିପାଇଁ ସମସ୍ତଙ୍କର ଅଧିକ ପରିଶ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛତାମଖନା ର ସଂସ୍କୃତ ଅଧ୍ୟାପକ ଦୈତ୍ୟାରି ପୁଜାରୀ ସଂସ୍କୃତ ଭାଷାର ସଂବର୍ଦ୍ଧନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସଂସ୍କୃତ ଭାରତୀ ର ପ୍ରାନ୍ତ ସମ୍ପାଦକ ଏବଂ ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଅଜିତ କୁମାର ପଣ୍ଡା ବିଭିନ୍ନ ପ୍ରକାରର ସମସ୍ୟା ର ସମାଧାନ ସଂଗଠିତ ହେଲେ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଆଦର୍ଶ ଚରିତ୍ର ନିର୍ମାଣ ସଂସ୍କୃତ ଅଧ୍ୟୟନ ଦ୍ୱାରା ସମ୍ଭବ ବୋଲି ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର କହିଥିଲେ। ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ସଂସ୍କୃତ ଅଧ୍ୟୟନ ର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସଂସ୍କୃତ ଭାରତୀ ବଲାଙ୍ଗୀର ଜିଲ୍ଲାର ସଂଯୋଜକ ତଥା ଓଏଭି ପଥରଚେପା ର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଉଦ୍ଦେଶ୍ୟ କଥନ ମାଧିଆପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଡଃ. ପୂର୍ଣଚନ୍ଦ୍ର ତ୍ରିପାଠୀ, ମଙ୍ଗଳା ଚରଣ ଦେବଦତ୍ତ ଦ୍ୱିବେଦୀ, ଧ୍ୟେୟମନ୍ତ୍ର ଉଚ୍ଚାରଣ ପ୍ରସନ୍ନ ଗଡତ୍ୟା , ଅତିଥି ପରିଚୟ ବିନୋଦ କୁମାର ମିଶ୍ର,ଧନ୍ୟବାଦ ଅର୍ପଣ ଦିବ୍ୟ ଲୋଚନ ଥନାପତି, ଶାନ୍ତି ପାଠ ତୋଷକୁମାର ସାହୁ କରିଥିବା ବେଳେ ଝୁନୀତା ଭୋଇ, ରୀନା ମିଶ୍ର, ଆଭା ଆର୍ଯ୍ୟା, ସୁଦର୍ଶନ ଦାଶ, ରୋହିତ କଠାର, ଶୁଭଶ୍ରୀ ସାହୁ ଆଦି ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତ ଶିକ୍ଷା ଏବଂ ଶିକ୍ଷାଦାନ ବିଷୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦ୍ୱିଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭାଗନେଇ ନିଜ ବିଚାର ପ୍ରକଟନ କରିଥିଲେ।

# ପିଟଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସର ଓ କର୍ମଚାରୀଙ୍କ ପରିଚୟ ପତ୍ର ନାହିଁ

ଗଞ୍ଜାମ,୧/୦୯ (ନି.ପ୍ର): ଶେରଗଡ ସିଏଚସିର ସମସ୍ତ ପିଏଚସି ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପରିଚୟ ପତ୍ର (ଆଇଡି କାର୍ଡ) ପ୍ରଦାନ କରାଯାଇଥିଲେ ମଧ୍ଯ କେବଳ ପିଟଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି)ର ମେଡିକାଲ୍ ଅଫିସର, ଫାର୍ମାସିଷ୍ଟ ଅନ୍ୟାନ୍ୟ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇନି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଷ୍ଟାଫ ତଥା କର୍ମଚାରୀଙ୍କ ପରିଚୟ ପାଇନପାରି ଅଧିକାଂଶ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଡାକ୍ତରଖାନାର କର୍ମଚାରୀମାନେ ବାହାରକୁ ଗଲା ବେଳେ ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି ।

# ମରାମତି ନାଁରେ ଭାଙ୍ଗିଦେଲେ ସ୍ଲୁଇସ ଗେଟ୍

ଭବାନୀପାଟଣା,୧/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପଲମ ଗ୍ରାମପଂଚାୟତ ଅଧିନସ୍ତ ସାଲେଭଟା ଭାଲୁଦର ଯୋର ରେ ନିର୍ମାଣ ହୋଇଥିବା ଚେକ ଡ୍ୟାମ ମରାମତି ନାମରେ ସ୍ଲୁଇସ ଗେଟ ସହିତ ଆଡିବନ୍ଧକୁ ଭାଙ୍ଗି ଦେଇ ଗତ କିଛି ମାସ ହେବ ସେମିତ ହୋଇ ପଡିରହିଛି । ଯାହା କି ଏହି ଚେକ ଡ୍ୟାମ ପାଣି ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀ ମାନେ ପାଣି ପାଇଁ ବଂଚିତ ହେଉଛନ୍ତି । ସ୍ଲୁଇସ ଗେଟ ନ ଥିବା ହେତୁ ବର୍ଷା ପାଣି ଅହରହ ଚାଷ ଜମିକୁ ମାଡି ଆସୁଛି କ୍ଷ ଫଳରେ ଧାନ କ୍ଷେତରେ ଦରକାର ରୁ ଅଧିକ ପାଣି ଭରିଯାଉଛି । ଠିକ୍ ଭାବେ ଚାଷ ଔଷଧ, ସାର ଦେବା ହୋଇ ପାରୁନାହିଁ । ପାଣି କ୍ଷେତକୁ ମଡ଼େଇବା ପାଇଁ ଗେଟ ଭାଙ୍ଗି ଦେଇଥିବାରୁ, ଚାଷୀମାନେ ବାଲି ବସ୍ତା ଦେଇ ପାଣି ଅଟକାଇ ଚାଷ ହେଉଛି କ୍ଷ ଯାହା କି ପ୍ରାୟ ପନ୍ଦର ବର୍ଷ ତଳେ ନିର୍ମାଣ କାର୍ଯ୍ୟ ହୋଇ ଆଜିକୁ ଦଶ ବର୍ଷ ହେବ ପାଣି ଯୋଗାଇ ଦେଇ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ହୋଇ ଆସୁଥିଲା । ଏ ବର୍ଷ ଏହି ଚେକଡ୍ୟାମ ଟିକୁ ମରାମତି ନାଁ ରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ବିଭାଗର ଅଭିଯୋଗ ହୋଇ କାର୍ଯ୍ୟ ଅଟକି ଯାଇଛି । ଠିକେଦାରଙ୍କ କହିବା ଅନୁସାରେ, କାର୍ଯ୍ୟଟି ଠିକ ଭାବେ ଆଗେଇ ନେବା ବେଳେ ଜଙ୍ଗଲ ବିଭାଗ ର ଅଭିଯୋଗ ହେତୁ କାର୍ଯ୍ୟଟି ବନ୍ଦ କରିଥିବା ମତ ପ୍ରକାଶ କରିଥିଲେ କ୍ଷ ତେବେ ସାଧାରଣରେ ପ୍ରଶ୍ନ ଉଠୁଛି କି ପନ୍ଦର ବର୍ଷ ର ନିର୍ମାଣ ସମ୍ପୂର୍ଣ୍ଣ ଡ୍ୟାମ ଟି ଯଦି ଏତେ ଦିନ ଧରି ଚେକ ଡ୍ୟାମ ଟି ନିର୍ମାଣ ହୋଇ ପାଣି ଚାଷ ଜମିକୁ ମଡ଼ାଇ ଚାଷ ହୋଇଥିବା ସତ୍ତ୍ୱେ ବନ ବିଭାଗର ନଜରକୁ ଆସିନାହିଁ କିପରି ? ଏହାର ମରାମତି ସାଙ୍ଗକୁ ଚାଷ ଜମିରେ ପାଣି ଯୋଗାଇ ଦେବା ପାଇଁ ଚାଷୀ ମହଲରେ ଯୋର ଦାବୀ ହେଉଛି। ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏ ଦିଗରେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।

# ଚମ୍ପୁଆରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ

ଚମ୍ପୁଆ,୧/୦୯ (ନି.ପ୍ର): ଆଜି ଓଡ଼ିଶା ଡ୍ରାଇଭର ମହାସଂଘ ଚମ୍ପୁଆ ଶାଖା ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ବ୍ଲକର ସମସ୍ତ ପଂଚାୟତମାନଙ୍କରେ ପାଳନ କରିବା ପରେ ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଶୀରପୁରସ୍ଥ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଚମ୍ପୁଆ ବ୍ଲକ ଡ୍ରାଇଭର ମହାସଂଘର କୋଷାଧକ୍ଷ ଗଜେନ୍ଦ୍ର ତିରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବ୍ଲକର ସମସ୍ତ ପଂଚାୟତର ଆଡମିନ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶୀରପୁର ଛକସ୍ଥିତ ଚମ୍ପୁଆ ଶାଖା କାର୍ଯ୍ୟାଳୟ ଠାରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମେ ଗାନ୍ଧୀ ଛକ ଠାରେ ଜାତିରପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ଚମ୍ପୁଆ କୋର୍ଟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତା'ପରେ ପୁଣି ରାଲିରେ ଯାଇ ବଙ୍ଗଳା ଛକ ଠାରେ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ କାର୍ଯ୍ୟାଳୟ ଠାରେ ସମସ୍ତଙ୍କ ଉପସ୍ଥିତିରେ କେକ୍ କଟାଯାଇ ଉପସ୍ଥିତ ସମସ୍ତ ଡ୍ରାଇଭର ଭାଇମାନେ ନିଜ ନିଜ ଭିତରେ ମିଠା ବଂଟନ କରି ଭାଇଚାରାର ଭାବ ଆଦାନ ପ୍ରଦାନ କରିଥିଲେ। ପରେ ଉପସ୍ଥିତ ସମସ୍ତ ସଂଘ ସଦସ୍ୟ ଗତ ଅଗଷ୍ଟ ୧୦ ତାରିଖରେ ରିମୁଳି ବାଇପାସ୍ ଠାରେ ଦୁର୍ଘଟଣା ଘଟି ଗୁରୁତର ହୋଇ ଚିକିତ୍ସିତ ହେଉଥିବା ସୁନାପୋଷି ପଂଚାୟତ ଡ୍ରାଇଭର ମହାସଂଘର ପଂଚାୟତ ସମ୍ପାଦକ ଗିରିଧାରୀପୁର ଗ୍ରାମର ମନୋଜ କୁମାର ମୁଣ୍ଡାଙ୍କ ପରିବାରକୁ ସୌଜନ୍ୟମୂଳକ ସାକ୍ଷାତ କରି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଉପସଭାପତି ପରମେଶ୍ୱର ମହାନ୍ତ, ସମ୍ପାଦକ ଅର୍ଜୁନ ମହାନ୍ତ, ସହ ସମ୍ପାଦକ ଅସିତ କୁମାର ମହାନ୍ତଙ୍କ ସମେତ ୨୨ଟି ପଂଚାୟତର ସମସ୍ତ ଆଡମିନ୍, ସଦସ୍ୟ ଓ ଚମ୍ପୁଆ ଏନଏସି ର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

# କେନ୍ଦ୍ରାପଡାର ପୁଅ ପ୍ରଫେସର କମଳାକାନ୍ତ ଦାଶ ଅଷ୍ଟ୍ରେଲିଆରେ ସମ୍ମାନିତ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): ଭାରତ ଓ ଅଷ୍ଟ୍ରେଲିଆ ଦେଶର ସଂପର୍କ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପ୍ରଫେସର କମଳାକାନ୍ତ ଦାସଙ୍କୁ ମେଲବର୍ଣ୍ଣ ସ୍ଥିତ ଭିକ୍ଟୋରିଆ ରାଜ୍ୟ ସଂସଦରେ ସମ୍ମାନିତ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ଅନାମ ଚରଣ ଦାଶ ଓ ମନୋରମା ଦାଶଙ୍କ ଜ୍ୟେଷ୍ଠପୁତ୍ର ପ୍ରଫେସର ଦାଶ ଦୀର୍ଘ ୪ ବର୍ଷ ଧରି ଅଷ୍ଟ୍ରେଲିଆ ଆଇସଇଣ୍ଡି ବ୍ରିଜ ଅନୁଷ୍ଠାନକୁ ପ୍ରତିଷ୍ଠା କରି ଦୃଢ ନେତୃତ୍ୱ ବଳରେ ଭାରତ ଓ ଅଷ୍ଟ୍ରେଲିଆ ର ଯୁବ ସମାଜକୁ ସଂଯୋଗ କରାଇବାରେ ସମର୍ଥ ହୋଇଛନ୍ତି । ତାଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇ ସଂସଦ ପରିସର ରେ ସାଂସଦ ଇଓ୍ୱାନ, ଓ୍ୱାଲଟସ୍ ସମ୍ବର୍ଦ୍ଧିତ କରିବା ସହ ତାଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ତାଙ୍କ ଅବଦାନ ଉଭୟ ଦେଶର ଯୁବ ସମାଜ ପାଇଁ ଅନୁକରଣୀୟ ହେବ ବୋଲି ମତବ୍ୟକ୍ତ କରିବା ସହ ଅଷ୍ଟ୍ରେଲିଆର ବିଦେଶ ନୀତିକୁ ସୁଦୃଢ଼ କରାଇବା ପାଇଁ ଏସିଆ ମହାଦେଶ ଓ ଭାରତୀୟ ଉପ ମହାଦେଶ ସହିତ ସଂପର୍କ ସୁଦୃଢ଼ ହୋଇପାରିବ ବାଲି ଆଲୋକପାତ କରିଥିଲେ । ଅଷ୍ଟ୍ରେଲିଆ ର ମୋନସା ବିଶ୍ୱ ବିଦ୍ୟାଳୟ ରେ ପାଠ ପଢିଥିବା ପ୍ରଫେସର ଦାଶ ବର୍ତମାନର ରାଜସ୍ଥାନ ସରକାରଙ୍କ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ଏ ଖବର ଜଣାପଡିବା ପରେ ସ୍ଥାନୀୟ ଅଂଚଳବାସୀ ପ୍ରଫେସର ଦାଶଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।


# ସାମାଜିକ ସେବା ବିନା ଜୀବନର ସଫଳତା ଅଧୁରା: ରୋଟାରୀ ଗଭର୍ଣ୍ଣର

କନ୍ଧମାଳ,୧/୦୯ (ନି.ପ୍ର): ଫୁଲବାଣୀ ରୋଟାରୀ କ୍ଲବ୍ ତରଫରୁ ଆୟୋଜିତ ' ସଦସ୍ୟତା ଓ ସଂଗଠନର ବିକାଶ ' ଶୀର୍ଷକ ଆଲୋଚନାଚକ୍ରରେ ରୋଟାରୀ ଗଭର୍ଣ୍ଣର ଯଜ୍ଞାଶିଷ୍ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ମଣିଷ ଜୀବନରେ ସେବା ମନୋଭାବର ଗୁରୁତ୍ୱ ସଂପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ସେବା କରିବା ଜୀବନର ଏକ ସୁଯୋଗ,ଏଣୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଯୁବ ପିଢ଼ି ଆଗଭର ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଯୋଗଦେଇ ପ୍ରାକ୍ତନ ରୋଟାରୀ ଗଭର୍ଣ୍ଣର ଦେବାଶିଷ ମିଶ୍ର ସାରା ବିଶ୍ୱର ୨୨୦ ଦେଶରେ ରୋଟାରୀର ସେବା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ସାମାଜିକ ସେବା ବିନା ନେତୃତ୍ୱ ନେବାର ଦକ୍ଷତାର ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ। ୧୯୦୫ ମସିହାରୁ ରୋଟାରୀ ଆରମ୍ଭ କରିଥିବା ସେବା ଓ ବନ୍ଧୁତାର ସଫଳତା ସ୍ୱରୂପ ଆଜି ଲକ୍ଷ ଲକ୍ଷ ରୋଟାରୀଆନ୍ ସେବା କାର୍ଯ୍ୟରେ ବ୍ରତୀ ହୋଇଥିବା ଏବଂ ଭାରତରେ ସର୍ବାଧିକ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ସଂପର୍କରେ ସେ ସୂଚନା ଦେବା ସହ ଫୁଲବାଣୀ ରୋଟାରୀ କ୍ଲବ୍‌ର ସେବା କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ରୂପେ ଜୋନାଲ୍ ଚେଆର ମିହିର ପାଣିଗ୍ରାହୀ, ଆସିଷ୍ଟାଂଟ ଗଭର୍ଣ୍ଣର ମିହିର ରଂଜନ ନାୟକ, ରୋଟାରୀ ଜିଲ୍ଲା ସଂପାଦକ ସୁଶାନ୍ତ ମହାପାତ୍ର, ପରାମର୍ଶଦାତା ଇନ୍ଦ୍ରଜିତ୍ ସାହୁ, ରାଜାରାମ୍ ପ୍ରମୁଖ ଯୋଗ ଦେଇ ଫୁଲବାଣୀ ରୋଟାରୀ ତରଫରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସଭାପତି ବିପ୍ରଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଡି. ଅରୁଣା ଦେଇଥିଲେ। ଏହି ଅବସରରେ ଗତ ବୋର୍ଡ଼ ପରୀକ୍ଷାରେ ଫୁଲବାଣୀର ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ସେପରି ବନ ବିଭାଗର ପ୍ରୟାସରେ ଅନେକ ଲଣ୍ଡା ପାହାଡ଼ରେ ପ୍ରାୟ ଚାଳିଶ ହଜାରରୁ ଅଧିକ ଗଛ ଲଗାଇ ସବୁଜିମା ସୃଷ୍ଟି କରିଥିବା ତିନିଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ରୋଟାରୀଆନ୍ ପବନ ଅଗ୍ରୱାଲ , ପ୍ରକାଶ ପଣ୍ଡା, ନାରାୟଣ ପ୍ରଧାନ, ବିରାଜିନୀ ମହାପାତ୍ର, କୁନ୍ଦନ ସିଂ, ହରିଷ୍ଟନ୍ଦ୍ର ମହାରଣା,ରୂପକ ମହାନ୍ତି, ସନ୍ତୋଷ କୁମାର୍ ପଣ୍ଡା, ଉପେନ୍ଦ୍ର ମହାପାତ୍ର,ସୁନୀତି ଆଚାରୀ, ଶୁଭ୍ରା ପଟ୍ଟନାୟକ, ଦେବେନ୍ଦ୍ର ପାତ୍ର, ରବି ନାରାୟଣ ସୁବୁଦ୍ଧି, କେ ଜ୍ଞାନକୁମାର ଦୋରା, ପଦ୍ମ ଚରଣ ସ୍ୱାଇଁ, ବିରଜା ନାହାକ, ରମେଶ ସାହୁ,ବାଲାଜି ପାତ୍ର,ସୁନୀତା ନାୟକ, ମିନି ପଟ୍ଟନାୟକ,ସନ୍ତୋଷ ମିଶ୍ର, ଅଶୋକ ଧଳ, ଜୟପ୍ରକାଶ ପାତ୍ର ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାବଲମ୍ୱୀ ଯୋଜନାରେ ଚାରିଜଣ ହିତାଧିକାରୀଙ୍କୁ ଠେଲାଗାଡି ପ୍ରଦାନ କରାଯିବା ସହ ଭବିଷ୍ୟତରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଅନ୍ୟ ସେବା ଯୋଗାଇ ଦେବାର ପ୍ରୟାସ କରାଯିବ ବୋଲି ସଂପାଦକ ବିଜୟ କୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଦେବା ଅବସରରେ ପ୍ରକାଶ କରିଥିଲେ। ଫୁଲବାଣୀ ବାହାରୁ ଆସିଥିବା ବିଭିନ୍ନ କ୍ଲବର ରୋଟାରୀଆନ୍‌ଙ୍କ ପାଇଁ ଏକ ସ୍ୱତନ୍ତ୍ର ଟି-ସାର୍ଟ ଉନ୍ମୋଚନ ସହ ଫୁଲବାଣୀ ରୋଟାରୀ ସେବା ଟ୍ରଷ୍ଟ ଭବନର ଉଦ୍‌ଘାଟନ କରି ଅତିଥିମାନେ ଫୁଲବାଣୀ ରୋଟାରୀ କ୍ଲବ୍ ? ସଦସ୍ୟଙ୍କ ପ୍ରୟାସର ପ୍ରଶଂସା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ସଦସ୍ୟତା ଗ୍ରହଣ କରିଥିବା ୧୩ ଜଣ ନୂତନ ସଦସ୍ୟଙ୍କୁ ଗଭର୍ଣର ଶପଥପାଠ କରାଇଥିଲେ। ସଭାପତି ଶ୍ରୀ ବିପ୍ର ଚରଣ ପାତ୍ର ଆଗାମୀ ଦିନରେ ରୋଟାରୀ କ୍ଲବ୍ ଫୁଲବାଣୀ ତରଫରୁ ଏକ ଦୁଇ ଦିନିଆ ଜିଲ୍ଲା ସେମିନାର୍ ପାଇଁ ଦେଇଥିବା ପ୍ରସ୍ତାବ କାର୍ଯ୍ୟକାରି କରାଯିବା ପାଇଁ ପ୍ରୟାସ କରାଯିବ ବୋଲି ରୋଟାରୀ ଗଭର୍ଣ୍ଣର ସୂଚନା ଦେଇଥିଲେ।


# ବଜ୍ର ମହାକାଳୀ ପଂଚାୟତ ହାଇସ୍କୁଲରେ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ସାନମାଣତିଆ ପ ।ୟତସ୍ଥିତ ବଜ୍ର ମହାକାଳୀ ପ ।ୟତ ହାଇସ୍କୁଲଠାରେ ସାହିତ୍ୟ ଘର ଇନ୍ଦୁପୁର ଶାଖା ଓ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ମିଳିତ ଆନୁକୂଲ୍ୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଓ ତାଳ ଟାକୁଆ ଏବଂ ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍, ଟ୍ରଫି ଓ ପୁସ୍ତକ ଇତ୍ୟାଦି ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସଭାପତି ଗଣେଶ୍ୱର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇକୋ କ୍ଲବ୍ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ତଥା ଶିକ୍ଷକ ନେତା ପ୍ରଣବ କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ସଭାରେ ସମ୍ବାଦର ସାମ୍ବାଦିକ ତଥା ସାହିତ୍ୟ ଘର ଇନ୍ଦୁପୁରର ସଂଯୋଜକ ଦିଲ୍ଲୀପ କୁମାର ଶତପଥି, ମହାକାଳପଡା ବିକାଶ ମଂଚ ସଭାପତି ପରିବେଶବିତ୍ କାଶୀନାଥ ରାଉତରାୟ, ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର ବାନାମ୍ବର ସେଠୀ, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ, ପରିବେଶବିତ୍ ବେଣୁଧର ନାୟକ, ରୁଦ୍ରପ୍ରସାଦ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱତାପନରୁ ମୁକ୍ତ ପାଇଁ ଅଧିକ ପରିମାଣରେ ବୃକ୍ଷରୋପଣ କରି ସବୁଜ ପୃଥିବୀ ଗଠନ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱେଚ୍ଛାସେବୀ ସଂଗଠନ ପ୍ରୟାସ ଓ ମହାକାଳପଡା ମ ତରଫରୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀମାନେ ହେଲେ ଭବ୍ୟ ପ୍ରସାଦ ପଣ୍ଡା, ଆଶୁତୋଷ ନାଥଶର୍ମା, ଶୁଭଙ୍କର ସାହୁ, ସାଇ ସ୍ୱୟଂ ଦାଶ, ରାଜଲକ୍ଷ୍ମୀ ମିଶ୍ର, କୁନିରାଣୀ ପୃଷ୍ଟି, ରୋହିତ କୁମାର ଦାସ, ସସ୍ମିତା ବେହେରା । ସଭା ସମାପ୍ତ ପରେ ଅତିଥିମାନଙ୍କ ସହିତ ଇକୋ କ୍ଲବର ଛାତ୍ରଛାତ୍ରୀମାନେ ଘାଗରାଠାରୁ ଜରିଆବାଡ ପର୍ଯ୍ୟନ୍ତ ନଦୀ ବନ୍ଧର ଉଭୟ ପାର୍ଶ୍ୱରେ ୧୦୦୦ରୁ ଊର୍ଦ୍ଧ୍ୱ ତାଳ ଟାକୁଆ ରୋପଣ କରିଥିଲେ ।

# ବ୍ରହ୍ମବରଦାଠାରେ ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର: ୧୨୪ ଅଭିଯୋଗ

ଧର୍ମଶାଳା, ୨/୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରସୁଲପୁର ବିଡିଓ ଅବନିକାନ୍ତ ସାହୁ,ତହସିଲଦାର ନିରଞ୍ଜନ ସାହୁ,ବ୍ଲକ ଶିକ୍ଷା ଅଧିକାରୀ ନୀଳାମ୍ବର ମିଶ୍ର,ବ୍ରହ୍ମବରଦା ଥାନା ଅଧିକାରିଣୀ ଅଂଶୁମାଳା ଦାସଙ୍କ ସମେତ ସମସ୍ତ ବ୍ଲକ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ସକାଳ ୧୦ଟା ସମୟରେ ଏହି ଶିବିର ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା । ପଂଚାୟତର ୧୨୪ ଜଣ ମହିଳା ଓ ପୁରୁଷ ସେମାନଙ୍କ ଅଭିଯୋଗ ନେଇ ଆସିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୮୩,ରାସନ କାର୍ଡ ପାଇଁ ୨୯, ଜମି ପଟ୍ଟା ପାଇଁ ୧୧ ଓ ଜଣେ ଭର୍ତ୍ତା ପାଇବା ପାଇଁ ଆବେଦନ କରିଥିଲେ। ବ୍ଲକ ପ୍ରଶାସନିକ ଅଧିକାରୀ ଏହି ସବୁ ଅଭିଯୋଗର ଯାଂଚ କରି ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ ଅବନିକାନ୍ତ ସାହୁ ପ୍ରକାଶ କରିଥିଲେ । ପର୍ଯ୍ୟାୟକ୍ରମେ ବିଭିନ୍ନ ପଂଚାୟତରେ ଏଭଳି ଶିବିର କରାଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରକୁ ସମସ୍ତେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରୁ ନ ଥିବା ବେଳେ ପଂଚାୟତ ସ୍ତରୀୟ ଏହି ଶିବିରରୁ ଜନସାଧାରଣ ସୁଫଳ ପାଇବେ ବୋଲି ଲକ୍ଷ୍ୟ ରଖାଯାଇଛି ।

# ଓ.ଜେ.ୟୁ ପକ୍ଷରୁ ବେତନଟୀର ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା




ବେତନଟୀ, ୨/୯ (ନି.ପ୍ର): ବାରିପଦା ଷ୍ଟାଡିୟମ ସଭାଗୃହ ଠାରେ ଓଡିଶା ସାମ୍ବାଦିକ ସଂଘ (ଓ.ଜେ.ୟୁ) ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସାମ୍ବାଦିକ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନେତ୍ରାନନ୍ଦ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ପୁଷ୍ପା ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ସମାଜସେବୀ ମୁରାରୀ ଲାଲ୍ ଶର୍ମା, ଓଜେୟୁର ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ, ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ରାଜ୍ୟ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ୍ୟ କୋଷାଧକ୍ଷ ଅରୁଣ କୁମାର ଷଡଙ୍ଗୀ ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅଭିଜିତ ମହାନ୍ତି ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶ୍ରୀ ସର୍ବେଶ୍ୱର ମହାନ୍ତଙ୍କୁ 'ବରିଷ୍ଠ ସାମ୍ବାଦିକ ସମ୍ମାନ' ରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସର୍ବେଶ୍ୱର ମହାନ୍ତ ଦୀର୍ଘ ୨୫ବର୍ଷ ଧରି ବେତନଟୀରେ ସାମ୍ବାଦିକତା କରିଆସୁଛନ୍ତି। ତାଙ୍କର ପ୍ରଥମ ସାମ୍ବାଦିକତା ଆରମ୍ଭ ହୋଇଥିଲା ଧ୍ୱନି ପ୍ରତିଧ୍ୱନି ଖବରକାଗଜରୁ ତାପରେ ଦୀର୍ଘ ବର୍ଷ ଧରି ସମୟ ଖବର କାଗଜର ସାମ୍ବାଦିକ ଥିଲେ। ପରେ ନିତିଦିନ, ମହ୍ଲାର ଓ ଏବେ ସେ ଓଡିଶା ଭାସ୍କର ଖବର କାଗଜର ସାମ୍ବାଦିକ ଅଛନ୍ତି।ଶ୍ରୀ ମହାନ୍ତ ବେତନଟୀ ପହଞ୍ଚିବା ପରେ ତାଙ୍କୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ, ପଦ୍ମମାଳୀ ମହିଳା ସଂଗଠନ, ଆନନ୍ଦ ବଜାର ଦୁର୍ଗା ପୂଜା କମିଟି, ବଙ୍ଗଳା ଛକ ଦୁର୍ଗା ପୂଜା କମିଟି ଓ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ ସ୍ୱାଗତ ସମ୍ବର୍ଦ୍ଧନା କଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଦିଲ୍ଲୀ ଅବକାରୀ ...

ଥିବା ସ୍ୱତନ୍ତ୍ର ଆଇନରେ ମଧ୍ୟ ମିଳିବା ଦରକାର। ଜଷ୍ଟିସ ଋଷିକେଶ ରୟ ଓ ଜଷ୍ଟିସ ଏସବିଏନ ଭାଟ୍ଟୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆବେଦକାରୀ ବିଜୟ ନାଏର ୨୩ ମାସ ହେଲା ଜେଲରେ ରହିଛନ୍ତି। ଏହାର ଟ୍ରାଏଲ ଆରମ୍ଭ ହୋଇନାହିଁ ଓ ଅଣ୍ଡର ଟ୍ରାଏଲ ଭାବେ ତାଙ୍କୁ ଦଣ୍ଡ ବିଧାନ କରାଯାଇ ପାରିବ ନାହିଁ। ଟ୍ରାଏଲ ଆରମ୍ଭ ହେବା ଯାଏ ଯଦି ବିଜୟ ନାଏରଙ୍କୁ ଜେଲରେ ରଖାଯିବ, ତା'ହେଲେ ଜେଲ ବ୍ୟତୀକ୍ରମ ଓ ଜାମିନ ନିୟମର ଉଲ୍ଲଘଂନ ହେବ। ତେଣୁ ତାଙ୍କୁ ଜାମିନ ଦିଆଯାଉଛି। ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ନୀତି ୨୦୨୨ରେ ଉଠିବା ପରେ ସିବିଆଇ ପ୍ରଥମ ଅଭିଯୁକ୍ତ ଭାବେ ବିଜୟ ନାଏରଙ୍କୁ ଗିରଫ କରିଥିଲା। ସେ ଜଣେ ବ୍ୟବସାୟୀଙ୍କ ଠାରୁ ଲାଞ୍ଚ ଆଣିଥିଲେ ବୋଲି ଉଭୟ ସିବିଆଇ ଓ ଇଡି ଅଭିଯୋଗ କରିଛନ୍ତି।

# 'ସୁଭଦ୍ରା' ପୋର୍ଟାଲ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨/୯ (ନି.ପ୍ର): ମହିଳାଙ୍କୁ ହାତ ଖର୍ଚ୍ଚ ଦେବା ପାଇଁ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନା ଆରମ୍ଭ କରିଛନ୍ତି। ବହୁ କଳ୍ପନା ଜଳ୍ପନା ପରେ 'ସୁଭଦ୍ରା' ଯୋଜନା ପାଇଁ ଆବେଦନ ଆରମ୍ଭ ହୋଇଛି। ଅନ୍‌ଲାଇନ୍ ଆବେଦନ ପାଇଁ ଆଜି 'ସୁଭଦ୍ରା' ପୋର୍ଟାଲ ଉନ୍ମୋଚନ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ପୋର୍ଟାଲ ଉନ୍ମୋଚନ କରିଛନ୍ତି। 'ସୁଭଦ୍ରା' ପୋର୍ଟାଲ ଉନ୍ମୋଚନ ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, 'ସୁଭଦ୍ରା' ପୋର୍ଟାଲ ଉପଲବ୍ଧ ହେବ ସୁଭଦ୍ରାର ସମସ୍ତ ସୂଚନା। ମହିଳାମାନେ ଯେ କୌଣସି ତଥ୍ୟ ଜାଣିବାକୁ ପୋର୍ଟାଲରୁ ଜାଣିପାରିବେ। କୌଣସି ପ୍ରକାର ସଂଶୟ ଥିଲେ, ପୋର୍ଟାଲରୁ ଜାଣିପାରିବେ। ସୁଭଦ୍ରା ପୋର୍ଟାଲ- subhadra.odisha.gov.in ଫର୍ମ ବଣ୍ଟନ ଆରମ୍ଭ ହୋଇଛି। ୪ ତାରିଖରୁ ଫର୍ମ ସଂଗ୍ରହ ଆରମ୍ଭ ହେବ। ଫର୍ମ ପୂରଣ କରି ଆଧାର କାର୍ଡ ନକଲ ସହ ଦାଖଲ କରିବେ। ମୋ ସେବା କେନ୍ଦ୍ର ବା ଜନସେବା କେନ୍ଦ୍ରରେ ଫର୍ମ ଦାଖଲ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାକ୍ଷୀ ପୂର୍ଣ୍ଣିମାରେ ମିଳିବାକୁ ଥିବା କିସ୍ତି ୧୭ରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିବେ। ସବୁ ଯୋଗ୍ୟ ମହିଳାଙ୍କୁ ମିଳିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଫର୍ମ ବଣ୍ଟନ ଓ ଦାଖଲ ସଂପୂର୍ଣ୍ଣ ମାଗଣାରେ ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

# ମହକିଲଙ୍କ ବିଭିନ୍ନ ଦାବିରେ ହାଇକୋର୍ଟରେ ଧାରଣାରେ ବସିବେ ସମାଜସେବୀ ଗୋପାଳ ସାହୁ

ଲଙ୍ଗଳେଶ୍ୱର, ୨/୯ (ନି.ପ୍ର): ବହୁ ସମୟରେ ଜନ ସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ଦିଗରେ ଭିନ୍ନ ଭିନ୍ନ ତରିକାରେ ଦାବୀ ଉଠାଇ ଚର୍ଚ୍ଚାକୁ ଆସିଥାନ୍ତି ବାଲିଆପାଳ ବ୍ଲକ ମଇଁସାମୁଣ୍ଡା ଗ୍ରାମର ସମାଜସେବୀ ଗୋପାଳ ସାହୁ। ସେହିପରି ଏଥର ହାଇକୋର୍ଟରେ ମହକିଲ ମାନଙ୍କ ସମସ୍ୟାକୁ ଲୋକ ଲୋଚନକୁ ଆଣି ଦାବୀ ପୂରଣ ପାଇଁ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବୀ କରିଛନ୍ତି ।ଦାବୀ ପୂରଣ ନ ହେଲେ ଶ୍ରୀ ସାହୁ ହାଇକୋର୍ଟରେ ଧାରଣାରେ ବସିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଦାବୀ ପତ୍ରରେ ଉଲ୍ଲେଖ କରିଛନ୍ତି ।ଦାବୀ ହେଉଛି ଓଡିଶାର କୋଣ ଅନୁକୋଣରୁ ବିଭିନ୍ନ କେଶ ସମାଧାନ ପାଇଁ ଜନସାଧାରଣଙ୍କୁ ହାଇକୋର୍ଟକୁ ବର୍ଷ ବର୍ଷ ଧରି ଗୋଟିଏ ଗୋଟିଏ କେଶ ସମାଧାନ ପାଇଁ ଅପେକ୍ଷା ସହିତ ବାରମ୍ବାର ଜୀବାକୁପଡେ ।ହାଇକୋର୍ଟରେ ମହକିଲ ମାନଙ୍କ ପାଇଁ ପ୍ରତିକ୍ଷାଳୟ ନାହିଁ ।ଯାହା ଫଳରେ ଦିନ ତମାମ ଲୋକମାନେ ଛିଡା ହୋଇ ଦିନ କାଟି ଥାଆନ୍ତି ।ବହୁ ସମସ୍ୟାରେ ଲୋକ ମାନେ ସମ୍ମୁଖୀନ ହେଉଛନ୍ତି ।ତେଣୁ ଜନ ସାଧାରଣ ଅପେକ୍ଷା ପାଇଁ ଶୀତ ତାପ ନିୟନ୍ତ୍ରିତ ପ୍ରତିଖ୍ୟାଳୟ କରାଯିବା ପାଇଁ ଶ୍ରୀ ସାହୁ ଦାବୀ କରିଛନ୍ତି ।ଦାବୀ ପୂରଣ ନ ହେଲେ ହାଇକୋର୍ଟ ଆଗରେ ଶ୍ରୀ ସାହୁ ଧାରଣାରେ ବସିବେ ବୋଲି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲିଖିତ ଭାବରେ ଜଣାଇଥିବା ପ୍ରେସକୁ କହିଛନ୍ତି।

# ଡ଼ା. ପ୍ରଦୀପ ମହାନ୍ତଙ୍କ ପ୍ରଥମ ବାର୍ଷିକ ସ୍ମୃତି ଦିବସ ପାଳିତ



ଉଦଳା , ୨/୯ (ନି.ପ୍ର): ଉଦଳା ସହରର ବାସିନ୍ଦା ଡ଼ା. ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କର ପ୍ରଥମ ବାର୍ଷିକ ସ୍ମୃତି ଦିବସ ଚଳିତ ସେପଟେମ୍ବର ୧ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ସ୍ମୃତି ଚାରଣ ସଭା ଓ ପୁସ୍ତକ ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ସ୍ମୃତିଚାରଣ ସଭାରେ ଅଧ୍ୟକ୍ଷତା କରି, ପ୍ରଦୀପ ମହାନ୍ତ ପେଶାରେ ଜଣେ ଚିକିତ୍ସକ ହେଲେ ମଧ ସାହିତ୍ୟ ସାଧନା ପ୍ରତି କିପରି ତାଙ୍କର ରୁଚି ଥିଲା ଓ ଜଣେ ସୁନାମଧନ୍ୟ ସାହିତ୍ୟିକ ଭାବରେ କିପରି ସେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ବକ୍ତବ୍ୟ ମାଧମରେ କହିଥିଲେ । ଏହାପରେ ଡ଼ା. ପ୍ରଦୀପ ମହାନ୍ତଙ୍କ ନିଜସ୍ୱ ଲିଖିତ ପୁସ୍ତକ 'ଭିନ୍ନ ଏକ ମହାଭମାରତ' ଓ ତାଙ୍କର ସ୍ମୃତି ଉଦେଶ୍ୟରେ ଛପା ଯାଇଥିବା ପୁସ୍ତକ 'ସ୍ମୃତି' କୁ ସ୍ଥାନୀୟ ନଗରପାଳ ପ୍ରମିଳା ପଣ୍ଡା ଉନ୍ମୋଚନ କରି ଉଦଳାରେ ଭାରତୀୟ ଜନତା ପାର୍ଟିର ଦୁର୍ଗକୁ ଶକ୍ତିଶାଳି କରିବାରେ ଶ୍ରୀଯୁକ୍ତ ମହାନ୍ତ କିପରି ଭୂମିକା ନେଇଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ପ୍ରଫୁଲ୍ଲ କୁମାର ଖିଲାର ଶ୍ରୀଯୁକ୍ତ ମହାନ୍ତ, ସମାଜସେବା ଓ ରାଜନୀତିକୁ ପ୍ରବେଶ କରିବା ସହିତ ଜଣେ କ୍ରିଡ଼ାବିତ ଓ ସାହିତ୍ୟିକ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ କିପରି ସୃଷ୍ଟି କରିପାରିଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବି ସତ୍ୟବ୍ରତ ମିଶ୍ର, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ତ୍ରିଲୋଚନ ରଥ, ପବିତ୍ର ମୋହନ ବେହେରା, ପ୍ରମିଳା ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୀଯୁକ୍ତ ମହାନ୍ତଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । କଳ୍ପନା ମହାନ୍ତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ବହୁଚର୍ଚ୍ଚିତ ପିଉଳ ହତ୍ୟାକାଣ୍ଡ: ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଗଞ୍ଜାମ, ୨/୯ (ନି.ପ୍ର): ବହୁଚର୍ଚ୍ଚିତ ଗଞ୍ଜାମ ପିଉଳ ହତ୍ୟାକାଣ୍ଡର ଆଜି ରାୟ ପ୍ରକାଶ ପାଇଛି । ୫ ହତ୍ୟାକାରୀଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି ଆସିକା ଏଡିଜେ। କମେଣ୍ଟ ମରାକୁ ନେଇ ୨୦୨୨ ମସିହାରେ ୪ ଭାଇଙ୍କୁ ଅତି ବୀଭତ୍ସ ଭାବେ ପିଟି ପିଟି ହତ୍ୟା କରାଯାଇଥିଲା। ୨୦୨୨ ମସିହା ମାର୍ଚ୍ଚ ୨୨ ତାରିଖରେ ଗଞ୍ଜାମ ଜିଲ୍ଲା ହିଂଜିଳି ଥାନା ଅନ୍ତର୍ଗତ ପିତଳ ଛକରେ ଘଟିଥିଲା ବୀଭତ୍ସ ହତ୍ୟାକାଣ୍ଡ। କମେଣ୍ଟ ମରାକୁ ନେଇ ହୋଇଥିବା ଗଣ୍ଡଗୋଳରେ ନରେନ୍ଦ୍ରପୁର ଗାଁର ମଙ୍ଗୁଲୁ ସ୍ୱାଇଁଙ୍କ ୪ ପୁଅ ରାଜା ସ୍ୱାଇଁ, ଶମ୍ଭୁ ସ୍ୱାଇଁ, ପାଣ୍ଡବ ସ୍ୱାଇଁ ଓ ଚନ୍ଦନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ଖେଳାଇ ଦେଇଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଅମୀୟ କୁମାର ସ୍ୱାଇଁ, ବାହାନ ପତି, ସନ୍ତୋଷ ସ୍ୱାଇଁ, ମିଳନ ସ୍ୱାଇଁ ଓ ଚନ୍ଦ୍ରସେନ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଆସିକା ଏଡିଜେ ମାମଲାକୁ ବିଚାର ୨୬ ସାକ୍ଷୀ ଓ ୨ ଜଣ ପ୍ରତ୍ୟୋକ୍ଷଦର୍ଶୀଙ୍କ ବୟାନ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ।

# ସ୍ୱାୟତ୍ତ ଶାସନ ଦିବସ ସମାରୋହ ଉଦ୍‌ଘାଟିତ




ବାରିପଦା, ୨/୯ (ନି.ପ୍ର): ବାରିପଦା ପୌରପାଳିକା ତରଫରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ଉଦଘାଟିତ ହୋଇଯାଇଛି। ଶନିବାର ସକାଳୁ ପୌରାଞ୍ଚଳରେ ରାମଧୁନ ସମେତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିପରେ ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉଦଘାଟନୀ କାର୍ଯ୍ୟକ୍ରମ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୁତି ଭୂଷଣ ନାୟକ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀଣି ଡ଼ଃ ମଧୁସ୍ମିତା ସାମନ୍ତରାୟ ଓ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ରହି ମଞ୍ଚାସିନ ହୋଇଥିଲେ। ପ୍ରଥମେ ଦିବ୍ୟାଙ୍ଗ ମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିପରେ ପ୍ରଦୀପ ପ୍ରଜ୍ୱଳିତ କରି ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟରମ୍ଭ କରିଥିଲେ। ରାଜତନ୍ତ୍ର ସମୟରେ ୧୯୦୫ ମସିହାରେ ବାରିପଦା ପୌରପାଳିକା କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୧୯ବର୍ଷ ପରେ ବାରିପଦା ପୌରପାଳିକାର ଅନେକ ବିକାଶ ଘଟିଛି। ପୌରାଞ୍ଚଳର ୨୮ଗୋଟି ୱାର୍ଡରେ ବିକାଶ ଧାରା ଜାରି ରହିଛି। ସହରର ବିକାଶକୁ ଦ୍ରୁତଗତିରେ ତ୍ୱରାନ୍ୱିତ କରିବା ପାଇଁ ପୌରପାଳିକା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ବକ୍ତା ମାନେ ପ୍ରଶଂସା କରିଥିଲେ। ବାରିପଦା ପୌରପାଳିକା ପକ୍ଷରୁ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ସଚେତନ ରହିଛନ୍ତି। ରାସ୍ତାଘାଟ, ପରିମଳ, ଷ୍ଟ୍ରିଟ ଲାଇଟ ଆଦି ବିଭିନ୍ନ ସୁବିଧା ଲୋକଙ୍କୁ ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି। ବାରିପଦା ପୌରପାଳିକାକୁ ଆହୁରି ଆଗକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ତେବେ ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତ ବାରିପଦାବାସୀ ସଦା ଯତ୍ନଶୀଳ ରହିବା ପାଇଁ ମତପ୍ରକାଶ କରିଛନ୍ତି। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଯଥା ୱାର୍ଡ ୩,୧୭ ଓ ୧୯ ନିମନ୍ତେ ୭୧.୪୪ଲକ୍ଷ ଟଙ୍କାର ହାଇ ଲେଭଲ ପୋଲ, ୱାର୍ଡ ନମ୍ବର ୨୧ରେ ୩୮.୬୩ଲକ୍ଷ ଟଙ୍କାର ମିନି ପାର୍କ, ୱାର୍ଡ ନମ୍ବର ୯ରେ ୧୩.୩୭ଲକ୍ଷ ଟଙ୍କାର ପରିଚୟ ଗୃହ, ୱାର୍ଡ ନମ୍ବର ୨୮ରେ ୧୩.୩୭ଲକ୍ଷ ଟଙ୍କାର ପରିଚୟ ଗୃହ, ୱାର୍ଡ ନମ୍ବର ୫ରେ ୮ଲକ୍ଷ ଟଙ୍କାର ମିଶନ ଶକ୍ତି ଗୃହ ଏବଂ ୱାର୍ଡ ନମ୍ବର ୧, ଛଉ ପଡ଼ିଆ ନିକଟରେ ୩୯.୪୭ଲକ୍ଷ ଟଙ୍କାର ଭେଣ୍ଡିଙ୍ଗ ଜୋନ ଆଦିର ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭିଡ଼ିଓ କନ୍ଫରେନ୍ସିଂ ଜରିଆରେ ଉକ୍ତ ପ୍ରକଳ୍ପ ଗୁଡିକ ଲୋକାର୍ପିତ କରିଛନ୍ତି। ଏଥିପରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନକୁ ଅତିଥି ଉଦଘାଟନ କରିଥିଲେ। ସମସ୍ତ ଅତିଥି ମାନେ ଷ୍ଟଲ ଗୁଡ଼ିକ ବୁଲି ମହିଳା ମାନଙ୍କ ହାତ ତିଆରି ଜିନିଷ ଗୁଡିକ ଦେଖିଥିଲେ। ନଗରପାଳ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସମାରୋହର ସୋମବାର ଉଦଯାପିତ ହେବ। ରକ୍ତଦାନ ଶିବିର ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଉଦଯାପନି ସନ୍ଧ୍ୟାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ କାଉନସିଲର ସମେତ ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଜମିବାଡିକୁ ନେଇ ଗଣ୍ଡଗୋଳ

ଖଇରା, ୨/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ବାଉଁଶଗଡିଆ ପଞ୍ଚାୟତ ଅଧୀନ କଳମଚୁଆ ଗ୍ରାମରେ ୨ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ପୁର୍ବରୁ ଶତ୍ରୁତା ଲାଗି ରହିଥିଲା । ପୁନଶ୍ଚ ରବିବାର ଗଣ୍ଡଗୋଳ ଲାଗିଥିବା ଖବର ପାଇ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା କ୍ଷଣି ଗୋଟିଏ ପକ୍ଷ ପୋଲିସ ଉପରେ ପାତର ଅନ୍ତର କରୁଥିବା ଅଭିଯୋଗ ଆଣି କିଛି ସମୟ ଧରି ଅଟକ ରଖିଥିଲେ । ଖଇରା ଥାନାର ଭାରପ୍ରାପ୍ତ ଅଧିକାରିଣୀ ମୌସୁମୀ ମହାନ୍ତି ଖଇରା ଘଟଣାସ୍ଥଳରେ ପହଞ୍ଚି ଅଟକ ପୋଲିସକୁ ଉଦ୍ଧାର କରିବା ସହ ଗଣ୍ଡଗୋଳରେ ସଂପୃକ୍ତ ୨ପକ୍ଷଙ୍କୁ ଧରିଅଅଣି ଥାନାରେ ଅଟକ ରଖିଛନ୍ତି । ଗ୍ରାମର ଗଦାଧର ସେଠୀ ଓ ନାରାୟଣ ସେଠୀଙ୍କ ପରିବାର ମଧ୍ୟରେ ଏହି ଗଣ୍ଡଗୋଳ ଚାଲିଥିବା ବେଳେ ନାରାୟଣ ସେଠୀଙ୍କ ପରିବାର ଗଦାଧର ସେଠୀଙ୍କ ପରିବାରକୁ କୋଦାଲରେ ଆକ୍ରମଣ କରି କ୍ଷତାକ୍ତ କରିଥିବା ବେଳେ ପୋଲିସ କୌଣସୀ ପଦକ୍ଷେପ ନେଇନଥିବା ନେଇ ଗଦାଧର ସେଠୀ ଅଭିଯୋଗ କରିବା ସହ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଥିବା କୁହାଯାଉଛି ।

# ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ବାବୁ: ୧୦ ବର୍ଷ ଚାକିରିରେ ଅମାପ ସମ୍ପତ୍ତି



ତାଳଚେର: ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ବାବୁ । ବୟସ ମାତ୍ର ୩୭ । ମାତ୍ର ୧୦ ବର୍ଷର ଚାକିରି । ଆଉ ଏହି ସମୟ ଭିତରେ ଖଣି ବିଭାଗର ସରକାରୀ ବାବୁ ଯେମିତି ସଂପତ୍ତିର ଖଣି ଖୋଲି ଦେଇଛନ୍ତି । ଭୁବନେଶ୍ୱର ପଟିଆରେ କୋଟିଏ ୩୦ ଲକ୍ଷର ଫ୍ଲାଟ୍, ସୁନ୍ଦରପଦାରେ ଡୁପ୍ଲେକ୍ସ, ତେଲକୋଇରେ ୨ଟି ମାର୍କେଟ୍ କଂପ୍ଲେକ୍ସ । ଇଏ ତ କାଣିଚାଏ ମାତ୍ର, ସରକାରୀ ବାବୁଙ୍କ ପାଖରେ ସଂପତ୍ତିର ଖଣି । ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକ । ରେଡ୍ ବେଳେ ବାବୁଙ୍କ ଠାରୁ ଭିଜିଲାନ୍ସ ପାଇଛି ଆଖି ଖୋସିଗଲା ଭଳି ସଂପତ୍ତି । ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ରହିଛି ୩ଟି ଦାମୀ ପ୍ଲଟ୍, କେନ୍ଦୁଝର ସହରରେ ଗୋଟିଏ ଏବଂ ତେଲକୋଇରେ କିଣିଛନ୍ତି ୭ଟି ପ୍ଲଟ୍। ଏଥିସହ ତେଲକୋଇରେ ଗୋଟିଏ କୋଠା ଥିବାବେଳେ, ଆଉ ଗୋଟେ ନିର୍ମାଣ ଚାଲିଛି । ଭୁବନେଶ୍ୱର ଓ ତେଲକୋଇ ଘରୁ ମିଳିଛି ନଗଦ ୯ ଲକ୍ଷ ୮୫ ହଜାର । ବିଭିନ୍ନ ଜମା ବାବଦରେ ୫୩ ଲକ୍ଷ ୫୩ ହଜାର ଟଙ୍କା ଏବଂ ୫୪ ଲକ୍ଷରୁ ଅଧିକ ଟଙ୍କାର ଆସବାବପତ୍ର ରହିଛି । ଗୋଟିଏ କାର ମଧ ଠାବ ହୋଇଛି । ଆଶ୍ଚର୍ଯ୍ୟ କରିଦେଲା ଭଳି କଥା ହେଉଛି, ଧରଣୀଧର ୨୦୨୨ରେ ୭୫ ଲକ୍ଷର ଋଣ ନେଇଥିଲେ । ହେଲେ ତାକୁ ମାତ୍ର ୨ ବର୍ଷରେ ସୁଝି ଦେଇଛନ୍ତି । ଅସତ୍ ଉପାୟରେ ଅର୍ଜିତ ଧନରେ ଏତେବଡ଼ ଋଣ ସୁଝା ଯାଇଥିବା ସନ୍ଦେହ କରିଛି ଭିଜିଲାନ୍ସ । ଏଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ମୋହନ ଛାଟ । ଆଜି ବିଧାନସଭାରେ ସରକାରୀ ବାବୁଙ୍କ ଉପରେ ଭିଜିଲାନ୍ସ ଚଢାଉ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ସରକାର ଆସିବାର ୨ ମାସରୁ ଅଧିକ ସମୟ ଭିତରେ ୩୯ ଜଣ ସରକାରୀ କର୍ମଚାରୀଙ୍କ ଉପରେ ହୋଇଛି ଭିଜିଲାନ୍ସ ରେଡ୍ । ସେମାନଙ୍କ ଠାରୁ ମୋଟ ୪୯ କୋଟି ୩୫ ଲକ୍ଷ ୯୮ ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଛି । ଭିଜିଲାନ୍ସ ଟ୍ରାପରେ ପଡିଛନ୍ତି ୮ ଜଣ କ୍ଲାସ୍ ୱାନ୍ ଅଫିସର, ୨ ଜଣ କ୍ଲାସ୍ ଟୁ ଏବଂ ଜଣେ କ୍ଲାସ୍ ଥ୍ରୀ ଅଫିସର। କେବଳ ୪ ଜଣ ଚିଫ୍ ଇଞ୍ଜିନିୟର ରାଙ୍କ୍ ଅଫିସରଙ୍କ ଠାରୁ ମିଳିଛି ୧୯୬ଟି ପ୍ଲଟ୍, ୨୪ ଟି କୋଠା, ୪ କିଲୋଗ୍ରାମରୁ ଅଧିକ ସୁନା ଏବଂ ୯ କୋଟିରୁ ଅଧିକ ଜମା । ସୂଚନା ଅନୁସାରେ, ମୋହନ ସରକାରଙ୍କ ସ୍କାନରରେ ରହିଛି ପିସି ଓ କମିଶନି କାରବାର ଅଧିକ ଚାଲିଥିବା ବିଭାଗ। ପୂର୍ତ୍ତ, ଅବକାରୀ, ଜଳସମ୍ପଦ, ଖଣି, ଖାଦ୍ୟ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ସହ ଦୁର୍ନୀତିଗ୍ରସ୍ତ ପୋଲିସ ବଡ଼ ବାବୁଙ୍କ ଉପରେ ବି ରହିଛି ସରକାରଙ୍କ ତୀକ୍ଷ୍ଣ ନଜର । ଏ ନେଇ କୁଆଡ଼େ ଏକ ତାଲିକା ପ୍ରସ୍ତୁତ କରିଛି ଦୁର୍ନୀତି ନିବାରଣ ବିଭାଗ । ଖୁବଶୀଘ୍ର ସେମାନଙ୍କ ଉପରେ ବି ପଡିପାରେ ରେଡ୍ । ଭିଜିଲାନ୍ସର ନନଷ୍ଟପ୍ ଆକ୍ସନକୁ ନେଇ ପ୍ରମାଦ ଗଣିଲେଣି ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ । କିଏ ଜାଣିଛି, କେତେବେଳେ, କାହା ଉପରେ ହେବ ଚଢାଉ ।

# ଇଣ୍ଡିଆନ ଅଏଲର ଅଧକ୍ଷ ଭାବେ ଭି. ସତିଶକୁମାରଙ୍କ ଯୋଗଦାନ



ପାରାଦୀପ, ୨/୯ (ନି.ପ୍ର): ସେପଟେମ୍ବର ୧ ୨୦୨୪ ରେ ଭି ସତିଶକୁମାର ଇଣ୍ଡିଆନ ଅଏଲ କର୍ପୋରେସନ ର ନୂତନ ଅଧକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ କୁମାର ୫୦ ଦେଶର ବିଭିନ୍ନ ଅଞ୍ଚଳ ରେ ସେବା କରିବା ସହିତ ପ୍ରମୁଖ ପଦବୀରେ ରହି ପେଟ୍ରୋଲିୟମ ଉତ୍ପାଦନ ର ଅଗ୍ରଣୀ ଭାବରେ ଇଣ୍ଡିଆନ ଅଏଲ କୁ ଆଗେଇ ନେଇଛନ୍ତି ।ସେ ଇଣ୍ଡିଆନ ଅଏଲ ପେଟ୍ରୋନାସ ଏବଂ ଇଣ୍ଡିଆନ ଅଏଲ ମରିସସ ଲିମିଟେଡ ସହିତ ମିଳିତ ଉଦ୍ୟଗ ଦ୍ୱାରା ବହୁ ରାଷ୍ଟ୍ରୀୟ ତୈଳ କମ୍ପାନୀ ଗୁଡିକରେ କାର୍ଯ୍ୟ କରିବାର ବିସ୍ତୃତ ଅଭିଜ୍ଞତା ହାସଲ କରିଛନ୍ତି ।ତାଙ୍କ ନେତୃତ୍ୱରେ ମାର୍କେଟିଙ୍ଗ ଡିଭିଜନ ୩ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଦର୍ଶନ କରି ରେକର୍ଡ ହାସଲ କରିପାରିଛି ।ଏହି ଅବଧି ମଧରେ ଇଣ୍ଡିଆନ ଅଏଲ ନିଜର ଅନୁକୂଳ ରଖିବା ପାଇଁ ବଜାରରୁ ଶକ୍ତି, ଦକ୍ଷ ଇନ୍ଧନ, ଗ୍ରୀନ କୟୋ, ଲୁବ୍ରିକାଣ୍ଟ ଏବଂ ବିଟୁମେନ ପ୍ୟାକ ଅପସାରଣ କରି ପାରିଛି ।ଶ୍ରୀ ଭି ସତିଶକୁମାର ଇଣ୍ଡିଆନ ଅଏଲ ବ୍ରାଣ୍ଡ ଇକ୍ୟୁଇଟି ର ଉନ୍ନତି ଆଣିବାରେ ୨୦୨୩ ମସିହାରେ ଗ୍ୟାସ କମ୍ପାନୀ ମାନଙ୍କ ମଧରେ ତୃତୀୟ ସ୍ଥାନ ହାସଲ କରିଛନ୍ତି ।ଏହା ପୂର୍ବରୁ ଭି ସତିଶକୁମାର ମଧ୍ୟପ୍ରଦେଶ ଏବଂ ଛତିଶଗଡ ର ରାଜ୍ୟପାଳ ଥିଲେ ।ରାଜ୍ୟପାଳ ଭାବରେ ସେ ଏଲପିଜି ଗ୍ୟାସ ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାର ପ୍ରମୁଖ ବ୍ୟବସାୟୀକ ପଦକ୍ଷେପ ନେଇଥିଲେ ସତିଶକୁମାର ୟୁଗୋସ୍ଲୋଭିଆର ଲୁଗୁଲ ଦାନା ବିଶ୍ୱବିଦ୍ୟାଳୟ ରୁ ପରିଚାଳନାରେ ଡିଗ୍ରୀ ହାସଲ କରିଥିବା ମେକାନିକାଲ ଇଞ୍ଜିନିୟର ଅଧକ୍ଷ ଭାବରେ ସେ ଶକ୍ତି କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି, ସ୍ଥିରତା ଏବଂ ବିଶ୍ୱ ସ୍ତରୀୟ ନେତୃତ୍ୱ ଦିଗରେ ଇଣ୍ଡିଆନ ଅଏଲ କୁ ପରିଚାଳନା କରିବାକୁ ପ୍ରତିଶ୍ରୁତି ବଦ୍ଧ ଅଟନ୍ତି।

# ହାଣ୍ଡିଆ ନ ଦେବାରୁ ମହିଳାଙ୍କୁ ହତ୍ୟା

କେନ୍ଦୁଝର, ୨/୯ (ନି.ପ୍ର): ହାଣ୍ଡିଆ ଆଣି ନ ଦେବାରୁ ମହିଳାଙ୍କୁ ଘରୁ ଘୋଷାଡ଼ି ଆଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ ନିଆଳିଝରଣ ଗାଁରେ। ମୃତ ମହିଳା ଜଣଙ୍କ ହେଲେ ସାଲେକ ହେମ୍ବ୍ରମ। ଗତକାଲି ରାତିରେ ସାଲେକଙ୍କ ସ୍ୱାମୀ ଗାଁର ଏକ ଭୋଜିକୁ ଯାଇଥିଲେ। ଘରେ ସାଲେକ ଓ ତାଙ୍କୁ ଶାଶୁ ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆସି ସାଲେକଙ୍କୁ ହାଣ୍ଡିଆ ମାଗିଥିଲେ। ସାଲେକ ହାଣ୍ଡିଆ ଦେବାକୁ ମନା କରିଥିଲେ। ବ୍ୟକ୍ତି ଜଣଙ୍କ ଉତ୍‌କ୍ଷିପ୍ତ ହୋଇ ସାଲେକଙ୍କୁ ଘରୁ ଘୋଷାଡ଼ି ଆଣି ହତ୍ୟା କରିଥିବା ତାଙ୍କ ଶାଶୁ ଅଭିଯୋଗ କରିଛନ୍ତି। ଘସିପୁରା ଥାନା ପୁଲିସ ଓ ଓସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛି।

ମଙ୍ଗଳବାର, ୦୩ ସେପ୍ଟେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବସ୍ତା ଇଲେକଟ୍ରିକ ଡିଭିଜନରେ ଟାଟା ତରଫରୁ ମହିଳାମାନଙ୍କୁ ସଶକ୍ତି କରଣ ତାଲିମ



ବାଲିଆପାଳ , ୨/୯ (ନି.ପ୍ର): ଆଜି ବାଲିଆପାଳର କହ୍ନେୟା କଲ୍ୟାଣ ମଣ୍ଡପରେ ବସ୍ତା ଇଲେକଟ୍ରିକ ଡିବିଜନର ଶତାଧିକ ମହିଳା ମାନଙ୍କୁ ନେଇ ଟାଟା ତରଫରୁ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଶକ୍ତି କରଣ ତଥା ସେମାନଙ୍କର ପ୍ରତିଭା ବିକଶିତ ପାଇଁ ଘରୋଇ କ୍ଷେତ୍ରରେ ବିଦ୍ୟୁତ ଶକ୍ତି ସଂଚୟ ଓ ଚୋରି ରୋକିବା ପାଇଁ ତାଲିମ ଦିଆ ଯାଇଛି । ଏହି ବୈଠକରେ ମହିଳା ଆଡ଼ଭୋକେଟ ଜୋସ୍ନା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଟାଟାର ମୁଖ୍ୟ କର୍ମେସିଆଲ ଜୟଦୀପ ରାୟ ମୁଖ୍ୟ ବକ୍ତା ଓ ସିଏସ ମୁଖ୍ୟ ବିକାଶ ଆରୋରା ଏବଂବସ୍ତା ଇଲେକଟ୍ରିକ ଡିବିଜନର ମୁଖ୍ୟ ଯନ୍ତ୍ରୀ ରୁଦ୍ର ପ୍ରସାଦ ରଥ ଅତିଥି ରିପେ ଯୋଗ ଦେଇଥିଲେ । ଟାଟା ବିଦ୍ୟୁତ ଯୋଗାଣ ଓ ମିଟର ରିଡିଙ୍ଗ ସମ୍ବନ୍ଧରେ ଅତିଥି ମାନେ ମହିଳା ମାଆ ମାନଙ୍କୁ ତାଲିମ ଦେଇଥିଲେ । ମାଆ ମାନେ ଯେହେତୁ ଘରେ ରହି ଗୃହିଣୀ ରୂପେ କାର୍ଯ୍ୟ କରୁଛନ୍ତି ଏଣୁ କିପରି ବିଦ୍ୟୁତ ଶକ୍ତି ସଂରକ୍ଷଣ ହୋଇ ଆର୍ଥିକ ଖର୍ଚ୍ଚ ହ୍ରାସ ହୋଇ ପାରିବ ଓ ବିଦ୍ୟୁତ ଚୋରି ରୋକା ଯାଇପାରିବ ଅତିଥି ମାନେ ଶିକ୍ଷା ଦେଇ ଥିଲେ । ମାଆ ମାନଙ୍କର ଲୋକୟିତ ପ୍ରତିଭା ନାଚ ଗୀତ କବିତା ଲେଖା ଓ କୁଇଜ ଜ୍ଞାନ ବୃଦ୍ଧି ହୋଇ ପାରିବ ସେମାନେ ପରିବେଷଣ ମାଧ୍ୟମରେ ଶିକ୍ଷା ପାଇଥିଲେ । ମାଆ ହେଲେ ପାଠୋଇ ଦେଶ ଯିବ ଆଗେଇ ଏହା ସମ୍ବନ୍ଧରେ ଅନେକ ମହିଳା ଉଦବୋଧନ ଦେଇଥିଲେ । ଏଥିରେ ରଂଜିତା ନାୟକ, ବିଷ୍ଣୁପ୍ରିୟା ମହାପାତ୍ର ସସ୍ମିତା ସି ଶିଲ୍ପାରାଣୀ ସାହୁ ସାବିତ୍ରୀ ବେହେରା ସବିତା ବେହେରା ଓ ଜୋଶନାରାଣୀ ଭୋଇ ଭାଗ ନେଇଥିଲେ । ଟାଟାର ରୋଜାଲିନ ନାୟକ ଓ ପ୍ରଦୀପ ପଣ୍ଡା ପରିଚାଳନା କରିଥିଲେ ।

## ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଆରମ୍ଭ ହେଲା ପ୍ରକ୍ରିୟା

ଭୁବନେଶ୍ୱର, ୨/୯ (ନି.ପ୍ର): ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଏନେଇ ଗୃହରେ ଲିଖିତ ଉତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ବାଂଲାଦେଶ ଅନୁପ୍ରବେଶକାରୀ ମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତହସିଲ,ବ୍ଲକ, ଥାନା ସ୍ତରରେ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି କେଇ ଭୁବନେଶ୍ୱର,କେନ୍ଦ୍ରାପଡା ଓ ପୁରୀରେ ଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ରହିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ସମୁଦାୟ ୩୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ବିଭିନ୍ନ ଜିଲ୍ଲାରେ ରହିଆସୁଛନ୍ତି । ବରଗଡ- ୨, ଭଦ୍ରକ-୧୯୯, କେନ୍ଦ୍ରାପଡ଼ା-୧୬୪୯, ଭୁବନେଶ୍ୱର-୧୭, ଜଗତସିଂପୁର-୧୧୧୨. ମାଲକାନଗିରି-୬୫୫ ଓ ନବରଙ୍ଗପୁର ଜିଲ୍ଲାରେ ୧୦୬ ଜଣ ବସବାସ କରୁଥିବା ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ସେପ୍ଟେମ୍ବର ମାସର ପ୍ରଥମ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ
### ୧୧୨ଟି ଅଭିଯୋଗ ପଞ୍ଜିକୃତ: ୩ଟି ଅଭିଯୋଗର ହେଲା ତତ୍କାଳ ସମାଧାନ

ବାଲେଶ୍ୱର, ୨/୯ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି। ଏହି ଜନଶୁଣାଣୀ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼. ଦୁଲାଲସେନ ଜଗଦେବ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ସର୍ବମୋଟ ୧୧୨ଟି ଅଭିଯୋଗ ଶୁଣାଣି ହୋଇଥିଲା । ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୧୦୧ ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୬ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା ଓ ସେଥିମଧ୍ୟରୁ ୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୪ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇଥିଲା। ତତ୍ସହିତ ରେଡ କ୍ରସ ପାଣ୍ଠିରୁ ଜଣଙ୍କୁ ଅର୍ଥରାଶି ମଂଜୁର କରା ଯାଇଥିଲା ଓ ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ବିଜେପିକୁ ଫେରିଲେ ପୂର୍ବତନ ଖଇରା ମଣ୍ଡଳ ସଭାପତି



ଖଇରା, ୨/୯ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ମଣ୍ଡଳର ପୁର୍ବତନ ସଭାପତି ରାଜେଶ କୁମାର ରାଉତ ବିଜେଡି ଛାଡି ପୁନଶ୍ଚ ବିଜେପିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସୋମବାର ସଂଧ୍ୟାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ସୋମବାର ସଂଧ୍ୟାରେ ଆୟୋଜିତ ମିଶ୍ରଣ ପର୍ବରେ ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର ଓ ଏମପି ପ୍ରତାପ ଷଡଙ୍ଗୀ ରାଜେଶଙ୍କୁ ଭାଜପା ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଖଇରା ପଞ୍ଚାୟତର ଅନ୍ୟତମ ଭାଜପା ନେତା ମନୋଜ ସ୍ୱାଇଁ,ହୃଦୟ ବେହେରା,ସୁରଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ । କିଛି କର୍ମୀଙ୍କ ସହ ଭୁଲବୁଝାମଣା ପାଇଁ ସେ ନିର୍ବାଚନ ପୁର୍ବରୁ ଦଳଠାରୁ ଦୁରେଇ ଯାଇଥିଲେ । ହେଲେ ଏବେ ମନୋମାଳିନ୍ୟ ଦୁର ପରେ ପୁନଶ୍ଚ ଦଳକୁ ଫେରିଥିବା ନେଇ ରାଜେଶ ନିଜ ମତାମତରେ କହିଛନ୍ତି।

## ଡେଙ୍ଗୁରେ ମହିଳାଙ୍କ ମୃତ୍ୟୁ ସନ୍ଦେହ: ଗ୍ରାମରେ କୋକୁଆଭୟ

ଖଇରା, ୨/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଆମ୍ବଗଡିଆ ଗ୍ରାମର କନକଲତା ମାଝୀ ଡେଙ୍ଗୁରେ ମୃତ୍ୟୁ ବରଣ କରିଥିବା ନେଇ ଅଭିଯୋଗ ହୋଇଛି । ୪ଦିନ ତଳେ ଜ୍ୱର ହେବା ପରେ ସେ ବାପଘର ବାଉଁଶଖୁଣ୍ଟା ରେ ରହି ଚିକିତ୍ସିତ ହେଉଥିଲେ। ୨ଦିନ ତଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ମାର୍କୋଣା ପରେ କଟକ ଏକ ଘରୋଇ ହସିପଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା କରାଯାଉଥିବା ବେଳେ ସେ ଆଖିବୁଜିଥିଲେ। ଏବଂ ସାରଡଙ୍ଗ ଗ୍ରାମରୁ ଡେଙ୍ଗୁରେ ଆକ୍ରାନ୍ତ ୩ଜଣ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏଥିସହ ସାରଡାଙ୍ଗ ଗ୍ରାମରେ କିଛି ବ୍ୟକ୍ତି ଜ୍ୱରରେ ପିଡିତ ଥିଲେ ହେଁ ଭୟ ଯୋଗୁଁ ପରୀକ୍ଷା ନକରି ଘରୋଇ ଉପଚାର କରୁଥିବା ଅଭିଯୋଗ ହୋଇଛି। ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତି ମାନେ ତୁରନ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରକ୍ତ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା ପାଇଁ ସରପଞ୍ଚ ପ୍ରଣତିବାଳା ମାଝି ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି । ସେପଟେ ଖଇରାରୁ ଏକ ମେଡିକାଲ ଟିମ ଗ୍ରାମରେ ପହଞ୍ଚି ଡେଙ୍ଗୁ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଛନ୍ତି ।

## ଗୁଣି ଗାରେଡି ସନ୍ଦେହରେ ମହିଳାଙ୍କ ତଂଟି କାଟି ହତ୍ୟା: ୫ ଅଟକ

ଘଟଗାଁ, ୨/୯ (ନି.ପ୍ର): ଗୁଣି ଗାରେଡି ସନ୍ଦେହରେ ଜଣେ ମହିଳାଙ୍କ ତଂଟିକାଟି ହତ୍ୟା କରିବା ପରେ ହତ୍ୟାକାରୀ ଫେରାର ହେଇଯାଇଛି । କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖାଲିଆମେଂଟା ପଂଚାୟତ ନିଆଳି ଝରଣ ଗ୍ରାମର ମନୋଜ ହେମ୍ବ୍ରମଙ୍କ ସ୍ତ୍ରୀ ସାଲେକ୍ ହେମ୍ବ୍ରମ (୪୫) ରବିବାର ସନ୍ଧ୍ୟା ୮ ଟା ସମୟରେ ନିଜ ଘରେ ଥିବା ବେଳେ ଜଣେ ଅଜଣା ବ୍ୟକ୍ତି ସାଲେକ୍ ହେମ୍ବ୍ରମ (୪୫) କୁ ଏକ ଧାରୁଆ ଅସ୍ତ୍ରରେ ତଂଟିକାଟି ହତ୍ୟା କରିବା ପରେ ଆଖି ପିଛୁଳାକେ ସେ ସ୍ଥାନରୁ ଚାଲିଯାଇଥିଲା । ଏହି ସମୟରେ ଗ୍ରାମର ଅପର ପକ୍ଷରେ ଏକ ଭୋଜି ହେଉଥିଲା । ଉକ୍ତ ଭୋଜିରେ ସାଲେକ୍ ହେମ୍ବ୍ରମଙ୍କ ସ୍ୱାମୀ ମନୋଜ ହେମ୍ବ୍ରମ ମଧ ଉପସ୍ଥିତ ଥିଲେ । ଭୋଜି ସାରି ବିଳମ୍ବିତ ରାତିରେ ମନୋଜ ଘରେ ପହଂଚିବା ପରେ ସ୍ତ୍ରୀ ସାଲେକ୍ ହେମ୍ବ୍ରମକୁ କେହି ଜଣେ ତଂଟିକାଟି ହତ୍ୟା କରିବା କଥା ଜାଣିବାକୁ ପାଇଥିଲେ । ଏ ସଂପର୍କରେ ଘସିପୁରା ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଥିବା ବେଳେ ଗ୍ରାମର ୫ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି । ପୋଲିସ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ ଦ୍ୱାରା ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

## ପାରାଦୀପ ରିଫାଇନରୀରେ ଇଣ୍ଡିଆନ୍ ଅଏଲ୍ ଦିବସ -୨୦୨୪ ପାଳିତ ହୋଇଛି




ପାରାଦୀପ, ୨/୯ (ନି.ପ୍ର): ପାରାଦୀପ ରିଫାଇନରୀରେ ୬୫ ତମ ଇଣ୍ଡିଆନ୍ ଅଏଲ୍ ଦିବସକୁ ଅତି ଉତ୍ସାହ ଏବଂ ଆନନ୍ଦ ସହିତ ପାଳନ କରାଗଲା । ଅପରାହ୍ନରେ କର୍ମଚାରୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। କର୍ମଚାରୀମାନଙ୍କୁ ସମ୍ବୋଧିତ କରି ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ, ଶ୍ରୀ କୌଶିକ ବସୁ, ଇଣ୍ଡିଆନ୍ ଅଏଲର ଗୌରବମୟ ଯାତ୍ରା ବିଷୟରେ ଅବଗତ କରାଇଥିଲେ । ଶ୍ରୀ ବସୁ କମ୍ପାନୀର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱଙ୍କୁ ପ୍ରଶଂସା ଓ କୃତଜ୍ଞତା ପ୍ରଦାନ କରିବା ସହ ଇଣ୍ଡିଆନ ଅଏଲ୍ କିପରି ଏକ ସାଧାରଣ ଆରମ୍ଭରୁ ଦେଶର ଏକ ବୃହତ୍ ଶକ୍ତି କମ୍ପାନୀରେ ପରିଣତ ହୋଇଛି ସେ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ । ସେ ପାରାଦୀପ ରିଫାଇନରୀର କର୍ମଚାରୀ ମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ । ଶ୍ରୀ କୌସିକ ବସୁ ସମସ୍ତ କର୍ମଚାରୀଙ୍କୁ ଇଣ୍ଡିଆନ୍ ଅଏଲ୍ ଦିବସର ଶପଥ ପାଠ କରାଇଥିଲେ। ଏହି ଅବସରରେ ପାରାଦୀପ ରିଫାଇନରୀରେ ଏକ ସ୍ୱତନ୍ତ୍ର କେକ୍ କାଟିବା ସମାରୋହର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୟୁନିଟ୍ ସ୍ତରର ସଜେସନ୍ ସ୍କିମ୍ ଏବଂ ପ୍ରଡକ୍ସନ୍ ବିଭାଗ ପାଇଁ ଡିଭିଜନ୍ ସ୍ତରୀୟ କାର୍ଯ୍ୟକାରିଣୀ ଗ୍ରୁପ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ କଟକ ଜିଲ୍ଲା ରେଡକ୍ରସ୍ ସୋସାଇଟି ସହାୟତାରେ ଏକ ରକ୍ତଦାନ ଶିବିରର ମଧ ଆୟୋଜନ କରାଯାଇଥିଲା । ପାରାଦୀପ ରିଫାଇନରୀର ଏମ୍ପ୍ଲୟୀ କ୍ଲବ୍, ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ଏବଂ ଡବ୍ଲ୍ୟୁଆଇପିଏସ ସଦସ୍ୟଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ ଶିଳ୍ପ, ଡିପିଏସ୍ ପାରାଦୀପ ରିଫାଇନରୀ, ସିଆଇଏସ୍ଏଫ୍, ଆଇଓସିଏଲ୍ ଠକଚଜଗଝ ହସ୍ପିଟାଲ୍ ର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ଅବସର ପ୍ରାପ୍ତ କର୍ମଚାରୀ, ଦୀର୍ଘକାଳୀନ ସେବା ପୁରସ୍କାର ପ୍ରାପ୍ତ କର୍ମଚାରୀ ଏବଂ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା।

## ସୁନାଗହଣା ଏବଂ ଟଙ୍କାଚୋରି ଘଟଣାର ଭିନ୍ନ ମୋଡ଼: ଧରମଭଉଣୀ ଗହଣା ଫାଙ୍କିବାକୁ ହୋଇଥିଲା ପ୍ଲାନ୍

ନୀଳଗିରି , ୨/୯ (ନି.ପ୍ର): ନୀଳଗିରି ଏନଏସି ୧୩ନଂ ୱାର୍ଡ ଗୋପୀନାଥପୁର ଗ୍ରାମରେ ଗତ ଅଗଷ୍ଟ ୨୯ତାରିଖ ରାତ୍ରିରେ ବଂଶୀଧର ପଣ୍ଡାଙ୍କ ଘରେ ଚୋରୀ ଘଟଣା ନେଇ ନୀଳଗିରି ଥାନାରେ ଏତଲା ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ପ୍ରାଥମିକ ତଦନ୍ତରେ ଉକ୍ତ ଘଟଣାରେ ବଂଶୀଧରଙ୍କ ପୁଅ ଶୁଭ୍ରଜିତଙ୍କ ସଂପୃକ୍ତି ନେଇ ସନ୍ଦେହ ଉପୁଜିଥିବାରୁ ତାଙ୍କୁ ଥାନାକୁ ଡ଼ାକି ପଚରା ଉଚୁରା କରିଥିଲା। ପ୍ରଥମେ ଫାଙ୍କି ଦେବାକୁ ବସିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଧରମଭଉଣୀଙ୍କ ଗହଣାକୁ ଆକ୍ସିସ ବ୍ୟାଙ୍କରେ ବନ୍ଧକ ରଖି ୩ଲକ୍ଷ ୨୦ହଜାର ଟଙ୍କା ଆଣି ସେୟାର ବଜାରରେ ଲଗାଇଥିବା ସ୍ୱୀକାର କରିଛି। ସୂଚନାଅନୁଯାୟୀ ଉକ୍ତ



ସଶସ୍ତ୍ର ଡକାୟତି ଓ ଚୋରୀ ଘଟଣା ବଂଶୀଧରଙ୍କ ପତ୍ନୀ ମିନତୀ ପଣ୍ଡାଙ୍କ ଲିଖିତ ଏତଲାରେ ଚାରିଚକିଆ ଗାଡ଼ି ଏବଂ ଗାଡ଼ିର ନମ୍ବର ଉଲ୍ଲେଖ କରିଥିବା ବେଳେ ତନଞ୍ଜୟ ଓରଫ ମାନସ ପାତ୍ରଙ୍କ ନାମ ସହିତ ମୋବାଇଲ ନମ୍ବର ଦର୍ଶାଇଥିବା ନେଇ ସନ୍ଦେହ ଉପୁଜିଥିଲା। ଉକ୍ତ ନମ୍ବରରେ ଯୋଗାଯୋଗ କରି ମାନସକୁ ଥାନାକୁ ଡ଼ାକି ପଚରା ଉଚୁରା ପରେ ମାନସର ସ୍ତ୍ରୀ ସଂପୃକ୍ତ ଯୁବକ ଶୁଭ୍ରଜିତ୍ ଙ୍କ ଧରମଭଉଣୀ ବୋଲି ଜଣାଯାଇଛି। ଉକ୍ତ ଧରମଭଉଣୀ ଜଣକ କିଛିଦିନ ପୂର୍ବରୁ ସ୍ୱାମୀଙ୍କ ସହିତ ମନାନ୍ତର ହେବାରୁ ସମସ୍ତ ଗହଣାପତ୍ର ସହିତ ପଳାଇଆସି ଗୋପୀନାଥପୁର ସ୍ଥିତ ଧରମଭାଇଙ୍କ ଘରେ ରହିଥିଲେ। ପରେ ଉକ୍ତ ମହିଳା ଜଣକ ସ୍ୱାମୀଙ୍କ ସହିତ ଶାଶୁ ଘରକୁ ଚାଲି ଯାଇଥିବା ବେଳେ ଗହଣା ଗୁଡିକ ଧରମଭାଇଙ୍କ ଘରେ ରଖି ଯାଇଥିଲେ।ଏହାର ସୁଯୋଗ ନେଇ ସମସ୍ତ ଗହଣାକୁ ଶୁଭ୍ରଜିତ୍ ବନ୍ଧକ ରଖି ଟଙ୍କା ଆଣିଥିଲେ। ତେବେ ଗହଣା ଗୁଡିକ ଫାଙ୍କି ଦେବାକୁ ଷଡ଼ଯନ୍ତ୍ର କରି ଚୋରୀ ହୋଇଯାଇଥିବାର ପ୍ଲାନ କରି ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାରେ ପୋଲିସକୁ ନୂଆ ନୂଆ ତଥ୍ୟ ମିଳୁଥିବାରୁ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଶୁଭ୍ରଜିତ୍ ଉକ୍ତ ରାତ୍ରିରେ ୭୦ହଜାର ଟଙ୍କା ସହିତ ତାଙ୍କ ମାଆଙ୍କ ଗହଣା ଚୋରୀ ହୋଇଥିବା ପୋଲିସକୁ କହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ନାଗାଲାଣ୍ଡ ବିଶ୍ୱ ବିଦ୍ୟାଳୟର ଶିକ୍ଷକ-ଶିକ୍ଷା ବିଭାଗରୁ ପ୍ରଥମ ପିଏଚ୍‌ଡିଧାରୀ



କଟକ, ୨/୯ (ନି.ପ୍ର): କଟକ ଜିଲ୍ଲା ତିଗିରିଆ ବିଜିଗଡ଼ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସୁବୋଧ କୁମାର ପଟ୍ଟନାୟକ ଓ ଶ୍ରୀମତୀ ଅନଙ୍ଗ ମଞ୍ଜରୀ ପଟ୍ଟନାୟକଙ୍କ କନ୍ୟା ସରିତା ପଟ୍ଟନାୟକ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ନାଗାଲାଣ୍ଡ (କୋହିମା)ରୁ ସମ୍ମାନସୂଚକ ପିଏଚ୍‌ଡି ଡିଗ୍ରି ଲାଭ କରିଛନ୍ତି । ଉକ୍ତ ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରାଧାପକ ଡଃ ନେହା ରାଓ୍ୱତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସେ ଗବେଷଣାରତ ଥିଲେ । "Development and Assessment of Instructional modules for developing concepts of gifted education in B.Ed students-teachers" ଶୀର୍ଷକ ସନ୍ଦର୍ଭଟି କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କେରଳର ପ୍ରଫେସର ଭି.ପି ଯୋଶୀଷ ଏବଂ 'ନେହୁ' ର ପ୍ରଫେସର ଶିବ ଚରଣ ସୁବୁଦ୍ଧିଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଂଶସିତ ହୋଇଛି । ଶ୍ରୀମତୀ ପଟ୍ଟନାୟକ ନୟାଗଡ଼ ଜିଲା ବଡ଼ପଥୁରିଆ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ରାଜକିଶୋର ପଟ୍ଟନାୟକ ଓ ଶ୍ରୀମତୀ ନଳିନୀପ୍ରଭା ପଟ୍ଟନାୟକଙ୍କ କନିଷ୍ଠ ପୁତ୍ରବଧୂ ତଥା ପ୍ରଫେସର ପ୍ରଦୀପ୍ତ ପଟ୍ଟନାୟକଙ୍କର ଧର୍ମପତ୍ନୀ ଅଟନ୍ତି ।

## ବୃଷଭ ଦେବତାଙ୍କ ତିରୋଭାବ ବିରହ ସତସଙ୍ଗ



ଲଙ୍ଗଳେଶ୍ୱର ୨/୯( ନି ପ୍ର ) ବାଲିଆପାଳ ବ୍ଲକ ଅନ୍ତର୍ଗତ ପାରୁଳିଆ ଛକ ନିକଟରେ ରାଧା ଦାମୋଦର ମନ୍ଦିର ପରିସରରେ ସୋମବାର ବୃଷଭ ଦେବତାଙ୍କ ତିରୋଭାବ ବିରହ ସତସଙ୍ଗ ପାଳିତ ହୋଇଯାଇଛି। ସୂଚନାଯୋଗ୍ୟ ପାଞ୍ଚ ମାସ ଆଗରୁ ଏକ ବୃଷଭ ଦେବତା ଅତ୍ୟଧିକ ଜରାଜୀର୍ଣ୍ଣ ଅବସ୍ଥାରେ ବାଲିଆପାଳ ଅଞ୍ଚଳରେ ବୁଲୁଥାନ୍ତି। ତାଙ୍କ ଦେହସାରା ଏମିତି ଭାତଗୁଡି ହୋଇଥାଏ ଯାହାକି ଲୋକେ ତାଙ୍କୁ ଛୁଇଁବା ତ ଦୂରର କଥା ଖାଇବାକୁ ମଧ ଦେଉ ନଂ ଥିଲେ। ରାଧାଦାମୋଦର ମନ୍ଦିରର ପ୍ରତିଷ୍ଠାତା ହରେକୃଷ୍ଣଙ୍କ ପ୍ରେରଣାରେ ଗୋ ସେବା ସୁରକ୍ଷା ସମିତି ବାଲେଶ୍ୱରର ପ୍ରତିଷ୍ଠାତା ଏବଂ ସମାଜସେବୀ ମାନସ ଦାସ ବୃଷଭ ଦେବତାଙ୍କୁ ଉଦ୍ଧାର କରି ପଶୁ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ତାଙ୍କର ଯତ୍ନ ନେଉଥିଲେ। ସୁସ୍ଥ ହୋଇ ଆସୁଥିବା ବୃଷଭ ଦେବତା ହଠାତ୍ କୌଣସି କାରଣରୁ ଅସୁସ୍ଥ ହୋଇପଡି ଗତ ୨୭ ସେପଟ୍ଟେମ୍ବରରେ ଦେହତ୍ୟାଗ କରିଛନ୍ତି। ତାଙ୍କର ଆତ୍ମାର ସତଗତି ନିମନ୍ତେ ଶ୍ରୀ ଦାସଙ୍କ ପ୍ରଚେଷ୍ଟାରେ ସତସଙ୍ଗ, ଦୀପଦାନ , ଭାଗବତ ପାଠ,ନାମ ସଂକୀର୍ତ୍ତନ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ସତସଙ୍ଗରେ ବହୁ ଗୋ ମାତା ପ୍ରେମୀ ସହଯୋଗ କରିଥିଲେ।

## ହରିୟାଣାରେ ଜେଜେପିକୁ ଝଟ୍‌କା: ପାର୍ଟିର ତିନି ନେତା ବିଜେପିରେ ସାମିଲ୍

ନୂଆଦିଲ୍ଲୀ, ୨/୯ (ନି.ପ୍ର): ଜନନାୟକ ଜନତା ପାର୍ଟି(ଜେଜେପି)ର ପୂର୍ବ ନେତା ଦେବେନ୍ଦ୍ର ସିଂହ ବବଲୀ, ସୁନୀଲ ସାଂଗୱାନ ଏବଂ ସଞ୍ଜୟ କବଲାନା ସୋମବାର ଦିନ ଭାରତୀୟ ଜନତା ପାର୍ଟି(ଭାଜପା)ରେ ସାମିଲ ହୋଇଛନ୍ତି। ଭାଜପାର ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ଏକ ପୂର୍ବତନ ଜେଜେପି ନେତାଙ୍କ ପାର୍ଟିରେ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପାର୍ଟିର ଉଚ୍ଚତା ବଢୁଛି। ଆଜି ଦେଶର ୨୦ ରାଜ୍ୟରେ ବିଜେପି ସରକାର। ପାର୍ଟି କେନ୍ଦ୍ରରେ ମଧ ତୃତୀୟ ଥର ସରକାରରେ ଆସିଛି, ଏପରି ଷାଠିଏ ବର୍ଷରେ ପ୍ରଥମଥର ହୋଇଛି। ବିଜେପି ମହାସଚିବ କହିଛନ୍ତି ଯେ, ଆଗାମୀ ନିର୍ବାଚନ ପାଇଁ ହରିୟାଣାରେ ବିଜେପି ପକ୍ଷରେ ଅଛି।

## ଓଡିଶାରୁ ପଶ୍ଚିମବଂଗ ବେଆଇନ୍ ଗୋ ଚାଲାଣ ବେଳେ ଫେରାଇଲା ପଶ୍ଚିମବଂଗ ପୁଲିସ୍

ଜଳେଶ୍ୱର , ୨/୯ (ନି.ପ୍ର): : ଓଡିଶାର ବିଭିନ୍ନ ଅହଚଳରୁ ୬୦ନଂ ଜାତୀୟ ରାଜପଥରେ ପଶ୍ଚିମବଂଗକୁ ବ୍ୟାପକ ବେଆଇନ୍ ଗୋଚାଲାଣ ହୋଇ ଆସୁଥିବା ବେଳେ ଆଜି ସକାଳେ ପଶ୍ଚିମବଂଗ ସୀମାରୁ ୨ଟି ଗାଡିକୁ ପଶ୍ଚିମବଂଗ ପୁଲିସ୍ ଫେରାଇ ନେଇଛି । ଅନ୍ୟପକ୍ଷରେ ଏପରି ବେଆଇନ୍ ଗାଡି ଓଡିଶାକୁ ଫେରିଥିଲେ ମଧ୍ୟ ଜଳେଶ୍ୱର ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ପ୍ରତିଦିନ ପରି ଆଜିମଧ୍ୟ କେତେକ ଗୋରୁ ବୋଝେଇ କଣ୍ଟେନର ଓ ଟ୍ରକ୍ ପଶ୍ଚିମବଂଗକୁ ଗୋ ଚାଲାଣ କରୁଥିଲେ । ହଠାତ୍ ପଶ୍ଚିମବଂଗ ପୁଲିସ୍ ପହଞ୍ଚି ଠିଆ ହୋଇଥିବା ଓଡି୦୨ବିଏକ୍ସ ୫୫୬୮ କଣ୍ଟେନର ଓ ଏପି୩୯ଏକ୍ସ ୧୩୩୦ ପିକ୍ଅପ୍‌କୁ ପଶ୍ଚିମବଂଗକୁ ଯିବାକୁ ନ ଦେଇ ଫେରାଇଥିଲା । ପ୍ରକାଶଯୋଗ୍ୟ ଓଡିଶାରେ ବାର୍ଡଫ୍ଲୁ ହେବାପରେ କେତେକ ଟ୍ରକ ପଶ୍ଚିମବଂଙ୍କୁ ପ୍ରବେଶ କରିବାରେ ନିଶେଧାଜ୍ଞା ଜାରି ହୋଇଛି । ଉପରୋକ୍ତ ଗାଡି ୨ଟି ନିକଟରେ ଜଳେଶ୍ୱର କୁଲିସ୍ ପହଞ୍ଚିବାପରେ ଓଡିଶାକୁ ଫେରିଥିଲା । କିନ୍ତୁ ଏନିମାଲ କ୍ବଏଲିଟି ଆକ୍ଟ କିମ୍ବା ପଶ୍ଚିମବଂଗ ଗୋଚାଲାଣ ନେଇ ନିର୍ଦ୍ଦେଶ ନ ଥିବା ସତ୍ୱେ ଗାଡି ୨ଟିକୁ ଜଳେଶ୍ୱର ପୁଲିସ୍ ଛାଡିଦେବାକରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କେତେକ ସନ୍ଦେହ ପ୍ରକାଶ ପାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo